ଧରିତ୍ରୀ
DHARITRI
ସମ୍ବଲପୁର, ସୋମବାର, ମେ ୧୭/୨୦୨୧ (୧୨ ପୃଷ୍ଠା) | Sambalpur, Monday, May 17/2021 | ★★
୧୭ଶ ଭାଗ ୧୪୯ ସଂଖ୍ୟା www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada ମୂଲ୍ୟ ₹୭/-

# ବିପଦରେ ଗ୍ରାମାଞ୍ଚଳ

## ବଣ୍ଡାଘାଟି ପରେ ଡଙ୍ଗରିଆ ଇଲାକାରେ କରୋନା ପ୍ରାଦୁର୍ଭାବ

**କରୋନା ମହାମାରୀର ଦ୍ୱିତୀୟ ଲହର ସାରା ରାଜ୍ୟକୁ କବଳିତ କରିଛି। ଏଥର ଭୂତାଣୁ ସଂକ୍ରମଣ ଆଉ ସହରାଞ୍ଚଳରେ ସୀମିତ ହୋଇ ରହିନାହିଁ। ଗାଁ ଗହଳିରେ ମଧ ଏହାର ପ୍ରାଦୁର୍ଭାବ ଦେଖିବାକୁ ମିଳିଛି। ବିଶେଷକରି ପଶ୍ଚିମ ଓ ଦକ୍ଷିଣ ଓଡ଼ିଶାର ଗ୍ରାମାଞ୍ଚଳରେ କୋଭିଡ୍-୧୯ ସଂକ୍ରମଣ ବୃଦ୍ଧି ପାଇବାରେ ଲାଗିଛି। ଶିଳ୍ପାଞ୍ଚଳ ଜିଲା ଅନୁଗୋଳର ଗାଁ ଗହଳି ଏବେ ଏକପ୍ରକାର 'ଡେଞ୍ଜର ଜୋନ୍' ପାଲଟିଛି। ସେହିପରି ମାଲକାନଗିରିର ବଣ୍ଡାଘାଟି ଏବଂ ରାୟଗଡ଼ାର ଡଙ୍ଗରିଆ ଅଞ୍ଚଳକୁ କରୋନା ଭାଇରସ୍ ମାଡ଼ିବା ପରେ ଏହାର ଭୟାବହତା ଓ ବ୍ୟାପକତାକୁ ନେଇ ପ୍ରଶାସନର ମୁଣ୍ଡବ୍ୟଥା ବଢ଼ିଯାଇଛି। ଦୁର୍ଗମ ତଥା ଡାକ୍ତରୀ ସୁବିଧା ଅନୁପଲବ୍ଧ ଇଲାକାରେ ନମୁନା ପରୀକ୍ଷା କରିବା ଓ ସ୍ୱାସ୍ଥ୍ୟସେବା ପହଞ୍ଚାଇବା ସବୁଠୁ ବଡ଼ ଚ୍ୟାଲେଞ୍ଜ ଭାବେ ଉଭା ହୋଇଛି।**



- ବଣ୍ଡା ଜନଜାତିର ୧୨ ସଂକ୍ରମିତ ହୋଇଛନ୍ତି
- ନିୟମଗିରିର ପାଦଦେଶରୁ ୧୭ ପଜିଟିଭ ଚିହ୍ନଟ
- ଅନୁଗୋଳର ୭୪୭ ଗାଁରେ ବଢ଼ୁଛି ସଂକ୍ରମଣ
- ଡାକ୍ତରୀ ସୁବିଧା ପହଞ୍ଚାଇବା ବଡ଼ ଚ୍ୟାଲେଞ୍ଜ

**ଭୁବନେଶ୍ୱର (ବ୍ୟୁରୋ)/ ରାୟଗଡ଼ା ଅଫିସ/ ମାଲକାନଗିରି (ଡି.ଏନ୍.ଏ.)/ ଅନୁଗୋଳ ଅଫିସ, ୧୬।୫**

ସବୁଠି ପହଞ୍ଚିଯାଉଛି କରୋନା। ଘାତକ ଭୂତାଣୁ ପାଇଁ କୌଣସି ଅଞ୍ଚଳ ଆଉ ଅପହଞ୍ଚ ହୋଇ ରହିନାହିଁ। ମାଲକାନଗିରି ଜିଲାର ସୁଦୂର ବଣ୍ଡାଘାଟିରେ ଭାଇରସ୍ ବଣ୍ଡା ଜନଜାତିଙ୍କୁ ଆକ୍ରାନ୍ତ କରିଛି। ସମୁଦ୍ର ପତ୍ତନଠାରୁ ୩,୫୦୦ ଫୁଟ୍ ଉଚ୍ଚରେ ଥିବା ୮ ପର୍ଟିକୁଲାରଲି ଭଲ୍‌ନେରେବୁଲ୍ ଟ୍ରାଇବାଲ ଗ୍ରୁପ୍ସ (ପିଭିଟିଜି)ର ଲୋକେ ସଂକ୍ରମିତ ହେବା ପରେ ରାଜ୍ୟ ସରକାରଙ୍କ ଚିନ୍ତା ବଢ଼ିଯାଇଛି। ଶୃଙ୍ଖଳିତ ଜୀବନଶୈଳୀକୁ ନେଇ ଜଣାଶୁଣା ବଣ୍ଡା ଜନଜାତିର ୧୨ ଜଣ ସଂକ୍ରମିତ ହୋଇଛନ୍ତି। ଏହା ଜଣାପଡିବା ପରେ ରବିବାର ଜିଲା ପ୍ରଶାସନ ପକ୍ଷରୁ ତତ୍ପରତା ପ୍ରକାଶ ପାଇଛି। ମୁଦୁଲିପଡ଼ା ପଞ୍ଚାୟତରେ ଏକ ଡାକ୍ତରୀ ଟିମ୍ ପହଞ୍ଚି ନମୁନା ସଂଗ୍ରହ କରୁଛନ୍ତି। ବଣ୍ଡାଘାଟି ଅଞ୍ଚଳରେ ସଚେତନତା ସୃଷ୍ଟି କାର୍ଯ୍ୟକ୍ରମକୁ ତ୍ୱରାନ୍ୱିତ କରିବାକୁ ନିଷ୍ପତ୍ତି ନେଇଛି। ତହସିଲଦାର ରାମଚନ୍ଦ୍ର ନାୟକ ☞ପୃଷ୍ଠା-୪

## କେନ୍ଦ୍ର ଜାରି କଲା ଏସ୍‌ଓପି

**ନୂଆଦିଲ୍ଲୀ, ୧୬।୫(ପି.ଟି.)**

ବିଳମ୍ବରେ ହେଉ ପଛେ ଗ୍ରାମାଞ୍ଚଳରେ ସଂକ୍ରମଣ ରୋକିବାକୁ ଗାଇଡ୍‌ଲାଇନ ଜାରି କରିଛି କେନ୍ଦ୍ର। କରୋନା ଲକ୍ଷଣ ନ ଥିବା ବହୁବିଧ ରୋଗୀ କିମ୍ବା ସାମାନ୍ୟ ଲକ୍ଷଣ ଥିବା ମାମଲା କ୍ଷେତ୍ରରେ ହୋମ୍ ଆଇସୋଲେଶନରେ ରହିବା ସମ୍ଭବ ହେଉ ନ ଥିଲେ ଗ୍ରାମାଞ୍ଚଳ ଓ ସହରତଳି ଅଞ୍ଚଳରେ ଅନ୍ୟୁନ ୩୦ ଶଯ୍ୟାବିଶିଷ୍ଟ କୋଭିଡ୍ କେୟାର ସେଣ୍ଟର ଯୋଜନା କରିବାକୁ ସରକାର ☞ପୃଷ୍ଠା-୪

## ପେଟ୍ରୋଲ ୨୫, ଡିଜେଲ ୨୯ ପଇସା ବଢ଼ିଲା

**ନୂଆଦିଲ୍ଲୀ/ଭୁବନେଶ୍ୱର, ୧୬।୫**

ଭାରତରେ କରୋନା ମହାମାରୀର ଦ୍ୱିତୀୟ ଲହର ଦ୍ରୁତ ଗତିରେ ବ୍ୟାପୁଥିବା ଯୋଗୁ ସାରା ଦେଶବାସୀ ଚିନ୍ତାରେ ଅଛନ୍ତି। ମହାମାରୀ ଯୋଗୁ ଦେଶର ବିଭିନ୍ନ ରାଜ୍ୟରେ ଲକଡାଉନ ଓ ଶଟଡାଉନ ଭଳି ସ୍ଥିତି ଥିବାରୁ ତୈଳ ବ୍ୟବହାର ମଧ କମ୍ ରହୁଛି। ଅପରପକ୍ଷରେ ତୈଳ ଦର କିନ୍ତୁ କ୍ରମାଗତ ଭାବେ ବୃଦ୍ଧି ପାଇବାରେ ଲାଗିଛି। ଦିନକ ପରେ ରବିବାର



ପୁଣି ଥରେ ତେଲ ଦର ବଢ଼ିଛି।

ଦେଶର ପ୍ରମୁଖ ତୈଳ ବିପଣନ କମ୍ପାନୀ ଇଣ୍ଡିଆନ ଅଏଲ କର୍ପୋରେଶନ ଲିମିଟେଡ୍ (ଆଇଓସିଏଲ୍) ପକ୍ଷରୁ ମିଳିଥିବା ସୂଚନା ଅନୁସାରେ ରବିବାର ଭୁବନେଶ୍ୱରରେ ପେଟ୍ରୋଲ ଲିଟର ପିଛା ୨୫ ପଇସା ଏବଂ ଡିଜେଲ ୨୯ ପଇସା ବୃଦ୍ଧି ଘଟିଛି। ଫଳରେ ଏଠାରେ ପେଟ୍ରୋଲ ଦର ୯୩.୨୯ ଟଙ୍କାକୁ ବୃଦ୍ଧି ଘଟିଥିବା ବେଳେ ଡିଜେଲ ୯୦.୬୬ ଟଙ୍କାରେ ବିକ୍ରି ହେଉଛି। ସେହିଭଳି ନୂଆଦିଲ୍ଲୀରେ ପେଟ୍ରୋଲ ଉପରେ ୨୪ ପଇସା ଏବଂ ଡିଜେଲ ୨୭ ପଇସା ବଢ଼ିଥିବା ସୂଚନା ମିଳିଛି। ଫଳରେ ସେଠାରେ ପେଟ୍ରୋଲ ଦର ଲିଟର ପିଛା ୯୨.୫୮ ଟଙ୍କା ଓ ଡିଜେଲ ଲିଟର ପିଛା ୮୩.୨୨ ☞ପୃଷ୍ଠା-୪

## ଜୁନ୍ ୧୫ ପର୍ଯ୍ୟନ୍ତ ଶ୍ରୀମନ୍ଦିରରେ ଶ୍ରଦ୍ଧାଳୁଙ୍କ ଦର୍ଶନ ବନ୍ଦ

### କୋଭିଡ୍ ସ୍ଥିତିକୁ ଦୃଷ୍ଟିରେ ରଖି ଅବଧି ବଢ଼ିଲା

**ପୁରୀ ଅଫିସ, ୧୬।୫**

ଶ୍ରୀମନ୍ଦିରରେ ସାଧାରଣ ଦର୍ଶନ ଜୁନ୍ ୧୫ ତାରିଖ ପର୍ଯ୍ୟନ୍ତ ବନ୍ଦ ରହିବ। ତେବେ ସୀମିତ ସଂଖ୍ୟକ ସେବାୟତଙ୍କୁ ନେଇ ପୂର୍ବପରି ନୀତିକାନ୍ତି ଚାଲିବ। ପୂର୍ବରୁ ମେ ୧୫ ଯାଏ ସାଧାରଣ ଦର୍ଶନକୁ ବନ୍ଦ ରଖାଯାଇଥିଲା। ତେବେ କୋଭିଡ୍ ସ୍ଥିତିକୁ ଦୃଷ୍ଟିରେ ରଖି ଏହି ଅବଧିକୁ ଜୁନ୍ ୧୫ ପର୍ଯ୍ୟନ୍ତ ବୃଦ୍ଧି କରାଯାଇଛି ବୋଲି ରବିବାର ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ କ୍ରିଷନ୍ କୁମାର ସୂଚନା ଦେଇଛନ୍ତି। ପୁରୀ ଜିଲା ପ୍ରଶାସନ ଓ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ମିଳିତ ଭାବେ ରବିବାର ଭର୍ଚ୍ଚୁଆଲରେ ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକକ୍ରିଷନ୍‌କୁମାର, ଉପମୁଖ୍ୟ ପ୍ରଶାସକ ତଥା ଜିଲାପାଳ ସମର୍ଥ ବର୍ମା ଏବଂ ଏସ୍‌ପି କନୱର ବିଶାଲ ସିଂ ଯୋଗଦେଇଥିଲେ। ଭକ୍ତଙ୍କ ପାଇଁ ଶ୍ରୀମନ୍ଦିର ଏବେ ଖୋଲାଯିବ କି ନାହିଁ ସେନେଇ ବୈଠକରେ ଆଲୋଚନା କରାଯାଇଥିଲା। ସଂକ୍ରମଣ ବଢ଼ୁଥିବାରୁ ଜିଲା ପ୍ରଶାସନ ସମ୍ପ୍ରତି ଶ୍ରୀମନ୍ଦିର ଖୋଲିବା ସପକ୍ଷରେ ନ ଥିବା ଜିଲାପାଳ ଜଣାଇଥିଲେ। ଫଳରେ ଶ୍ରୀମନ୍ଦିରରେ ସାଧାରଣ ଦର୍ଶନକୁ ଆହୁରି ମାସେ ପର୍ଯ୍ୟନ୍ତ ବନ୍ଦ ରଖିବାକୁ ସର୍ବସମ୍ମତ ନିଷ୍ପତ୍ତି ☞ପୃଷ୍ଠା-୪



### ଆଜିର ସମ୍ପାଦକୀୟ

ଦୃଷ୍ଟିଭଙ୍ଗ ହେଲାଣି

### ଆଜିର ମନ୍ତବ୍ୟ

"ଇସ୍ରାଏଲ ଆକ୍ରମଣରେ ପାଲେଷ୍ଟାଇନ ନାଗରିକଙ୍କ ମୃତ୍ୟୁକୁ ସମଗ୍ର ବିଶ୍ୱରେ ନିନ୍ଦା କରାଯାଉଥିବାବେଳେ କଶ୍ମୀରରେ ବିକ୍ଷୋଭକାରୀଙ୍କ ଉପରେ ଦମନଲୀଳା ଚଳାଇଛି ପୋଲିସ।

-ମେହବୁବା ମୁଫ୍ତି, ଜମ୍ମୁ-କଶ୍ମୀର ପୂର୍ବତନ ମୁଖ୍ୟମନ୍ତ୍ରୀ

## ସବୁ କୋଭିଡ୍ ହସ୍ପିଟାଲରେ ହେଲ୍ପ ଡେସ୍କ

**ଭୁବନେଶ୍ୱର, ୧୬।୫(ବ୍ୟୁରୋ)**

ରାଜ୍ୟର ସମସ୍ତ କୋଭିଡ୍ ହସ୍ପିଟାଲରେ ହେଲ୍ପ ଡେସ୍କ ରହିବ। ସରକାର ଏହାକୁ ବାଧ୍ୟତାମୂଳକ କରିଛନ୍ତି। ପୂର୍ବରୁ ଏହି ନିର୍ଦ୍ଦେଶନାମା ଜାରି କରାଯାଇଥିଲେ ମଧ୍ୟ ଅଧିକାଂଶ କୋଭିଡ୍ ହସ୍ପିଟାଲରେ କୌଣସି ହେଲ୍ପ ଡେସ୍କ କରାଯାଇ ନାହିଁ। ତେଣୁ ରବିବାର ପୁଣିଥରେ ସରକାର ଏ ନେଇ କଡ଼ା ଚେତାବନୀ ଦେଇଛନ୍ତି। ସମସ୍ତ ସରକାରୀ ଓ ଘରୋଇ କୋଭିଡ୍ ହସ୍ପିଟାଲରେ ରୋଗୀଙ୍କ ସମ୍ପର୍କୀୟଙ୍କୁ ହେଲ୍ପ ଡେସ୍କ ମାଧ୍ୟମରେ ସୂଚନା ଦିଆଯିବ। ଏଥି ପାଇଁ ସ୍ୱାସ୍ଥ୍ୟ ବିଭାଗ ଗାଇଡ୍‌ଲାଇନ ମଧ୍ୟ ଜାରି କରିଛି। ଏହି ଅନୁସାରେ, କୋଭିଡ୍ ଚିକିତ୍ସା ସେବା ଯୋଗାଯାଉଥିବା ସମସ୍ତ ହସ୍ପିଟାଲଠାରୁ ଆରମ୍ଭ କରି କୋଭିଡ୍ କେୟାର ସେଣ୍ଟର, କୋଭିଡ୍ ହେଲ୍‌ଥ ସେଣ୍ଟରରେ ୨୪ଘଣ୍ଟିଆ ହେଲ୍ପ ଡେସ୍କ କାର୍ଯ୍ୟ କରିବ। ଏଥିପାଇଁ ଏକ ଟୋଲ୍ ଫ୍ରି ନମ୍ବର ଜାରି କରାଯିବ। ଏହି ନମ୍ବର ସମ୍ପର୍କରେ ଜନସାଧାରଣଙ୍କୁ ବହୁଳ ଭାବେ ଅବଗତ କରାଯିବ। ହେଲ୍ପ ଡେସ୍କରେ ପର୍ଯ୍ୟାପ୍ତ ଲୋକ ରଖିବାକୁ କୁହାଯାଇଛି। ଯେପରିକି ୨୪ଘଣ୍ଟିଆ କାମରେ କୌଣସି ତ୍ରୁଟି ନ ହୁଏ। ଏଥିରେ ☞ପୃଷ୍ଠା-୪

### ଶିଶୁଙ୍କ ପାଇଁ ୮ଜଣିଆ କମିଟି

**ଭୁବନେଶ୍ୱର, ୧୬।୫(ବ୍ୟୁରୋ)**

କରୋନା ଦ୍ୱିତୀୟ ଲହର ଯୁବପିଢ଼ି ଓ ଶିଶୁମାନଙ୍କୁ ଅଧିକ ସଂକ୍ରମିତ କରୁଛି। ଏବେ ଯୁବପିଢ଼ିଙ୍କ ପାଇଁ ଟିକାକରଣ ବ୍ୟବସ୍ଥା ହୋଇଥିବା ବେଳେ ଶିଶୁଙ୍କ ଲାଗି ଏହା ହୋଇନାହିଁ। ତେଣୁ ଆଗକୁ ଶିଶୁମାନେ ଅଧିକ ଆକ୍ରାନ୍ତ ହେବେ ବୋଲି ସ୍ୱାସ୍ଥ୍ୟ ବିଶେଷଜ୍ଞ ଆଶଙ୍କା କରୁଛନ୍ତି। ଏହାକୁ ଗୁରୁତର ☞ପୃଷ୍ଠା-୪

## କେହି କିଛି ଜାଣୁ ନାହାନ୍ତି, କଥା କହୁଛନ୍ତି

**ଭୁବନେଶ୍ୱର, ୧୬।୫(ବ୍ୟୁରୋ)**

ରାଜ୍ୟରେ କରୋନାକୁ ନେଇ ଏବେ ଭୟଙ୍କର ସ୍ଥିତି ଉପୁଜିବାରେ ଲାଗିଛି। ଦ୍ୱିତୀୟ ଲହର ସମସ୍ତଙ୍କ ନିଦ ହଜାଇ ଦେଇଥିବାବେଳେ ନୂଆ ଷ୍ଟ୍ରେନ୍ ଅଧିକ ଦ୍ରୁତ ଓ ଘାତକ ହେଉଛି। ୧୦ଦିନରେ ସଂକ୍ରମଣ ଲକ୍ଷେ ପାର୍ କରୁଥିବାବେଳେ ଦୈନିକ ୧୫ରୁ ଊର୍ଦ୍ଧ୍ୱ ଜୀବନ ଯାଉଛି। ଏ ପରିସ୍ଥିତିରେ ସଂକ୍ରମଣକୁ ନେଇ ସ୍ୱାସ୍ଥ୍ୟ ବିଶେଷଜ୍ଞଙ୍କ ମତମନ୍ତବ୍ୟ ବାରମ୍ବାର ବଦଳୁଥିବାରୁ ଏହା ଲୋକଙ୍କୁ ଆଶ୍ୱସ୍ତି ବଦଳରେ ବିଭ୍ରାନ୍ତ କରୁଛି। ସଂକ୍ରମଣ କେବେ କମିବ ତାହାକୁ ନେଇ କେହି କିଛି ସ୍ପଷ୍ଟ ତଥ୍ୟ ଦେଇପାରୁନାହାନ୍ତି। କେବଳ ବର୍ତ୍ତମାନର ସ୍ଥିତିକୁ ଦେଖି ସମସ୍ତେ କଥା କହି ବାହାବା ନେବାରେ ଲାଗିଛନ୍ତି।

ପୂର୍ବରୁ ସ୍ୱାସ୍ଥ୍ୟ ବିଶେଷଜ୍ଞମାନେ କହୁଥିଲେ, ମେ' ୧୫ ବେଳକୁ ଓଡ଼ିଶାରେ କରୋନା ପିକ୍ ବା ଶୀର୍ଷରେ ପହଞ୍ଚିବ। କିନ୍ତୁ ଏବେସୁଦ୍ଧା ପିକ୍‌ରେ ପହଞ୍ଚିଲାଣି କି ନାହିଁ ତାହା କେହି ସ୍ପଷ୍ଟ କରିପାରୁନାହାନ୍ତି। ଦୈନିକ ଟେଷ୍ଟିଂର ପ୍ରାୟ ୨୦ପ୍ରତିଶତ ପଜିଟିଭ୍ ହାର ରହୁଛି। ଗତ କିଛି ଦିନର ରେକର୍ଡକୁ ଦେଖିଲେ ଜଣାପଡୁଛି ଯେ, ଯେତେ ଅଧିକ ଟେଷ୍ଟିଂ ହେଉଛି, ପଜିଟିଭ୍ ସଂଖ୍ୟା ସେତେ ବଢ଼ୁଛି। ବର୍ତ୍ତମାନ ଦୈନିକ ପ୍ରାୟ ୫୫ରୁ ୫୭ହଜାର ଟେଷ୍ଟିଂ ହେଉଥିବାବେଳେ ୧୦ରୁ ୧୨ହଜାର ସଂକ୍ରମିତ ଚିହ୍ନଟ ହେଉଛନ୍ତି। ଏବେ ପୁଣି କୁହାଗଲାଣି ମେ' ଶେଷ ସପ୍ତାହ କିମ୍ବା ଜୁନ୍ ପ୍ରଥମ ସପ୍ତାହ ବେଳକୁ ସଂକ୍ରମଣ କମିବ। ସ୍ୱାସ୍ଥ୍ୟ ବିଶେଷଜ୍ଞ ଡା. ନିରୋଜ ମିଶ୍ର କହିଛନ୍ତି, ରାଜ୍ୟରେ ଏବେ ପ୍ଲାଟ୍ୟୁ ଷ୍ଟେଜ୍‌ରେ ସଂକ୍ରମଣ ରହିଛି। ଆସନ୍ତା ଗୋଟିଏ ସପ୍ତାହ ପର୍ଯ୍ୟନ୍ତ ଏପରି ସ୍ଥିତି ଲାଗି ରହିବ। ମେ' ଶେଷ ଅବା ଜୁନ୍ ପ୍ରଥମରୁ ସଂକ୍ରମଣ ଧୀରେ ଧୀରେ କମିବ। ମେ' ୩୧ ପରେ ଆକ୍ରାନ୍ତଙ୍କ ସଂଖ୍ୟା ୧୦ହଜାର ତଳକୁ ଯିବ। ଜୁନ୍ ମଧ୍ୟଭାଗ ବେଳକୁ ଦୈନିକ ସଂକ୍ରମଣ ଅପେକ୍ଷାକୃତ କମିଯାଇଥିବ। ତେଣୁ ଆଉ ଗୋଟିଏ ସପ୍ତାହ ଲକ୍‌ଡାଉନ୍ ହେବା ଉଚିତ ବୋଲି ସେ କହିଛନ୍ତି। ତେଣୁ ସ୍ୱାସ୍ଥ୍ୟ ବିଶେଷଜ୍ଞଙ୍କ ଏଭଳି ମତକୁ ନେଇ ସାଧାରଣରେ ଚର୍ଚ୍ଚା ହେଉଛି। କରୋନା ସ୍ଥିତି ସୁଧୁରିବ ଓ ଜୀବନଜୀବିକା ପୁଣି ସ୍ୱାଭାବିକ ହେବ ବୋଲି ରାଜ୍ୟବାସୀ ଯେଉଁ ଆଶା ରଖିଥିଲେ ତାହା ଏବେ ଚିନ୍ତା ବଢ଼ାଇ ଦେଇଛି।








## ସୁନ୍ଦରଗଡ଼ ଜିଲାରେ ୨୪ଘଣ୍ଟାରେ ୬୪୧ ପଜିଟିଭ ଚିହ୍ନଟ

ସୁନ୍ଦରଗଡ,(ଡି.ଏନ.ଏ): ସୁନ୍ଦରଗଡ ଜିଲାରେ ଗତ ୨୪ ଘଣ୍ଟାରେ ୬୪୧ କରୋନା ପଜିଟିଭ ଚିହ୍ନଟ ହୋଇଛି। ଏଥିମଧ୍ୟରୁ ରାଉରକେଲା ସହରରେ ୫୩ ପଜିଟିଭ ଚିହ୍ନଟ ହୋଇଥିଲାବେଳେ ସୁନ୍ଦରଗଡ଼ ସହରରେ ୪୪ ପଜିଟିଭ ଚିହ୍ନଟ ହୋଇଛି। ସେହିପରି ସୁନ୍ଦରଗଡ଼ ସଦର ବ୍ଲକରେ ୩୫, ବୀରମିତ୍ରପୁରରେ ୨୦, ରାଜଗାଙ୍ଗପୁରରେ ୨୭, କୁଆଁରମୁଣ୍ଡାରେ ୫୦, ଲେଫ୍ରିପଡାରେ ୫୭, ନୂଆଗାଁରେ ୫୬, ବିଶ୍ରାରେ ୫୮, ଲହୁଣୀପଡାରେ ୪୭, କୁତ୍ରାରେ ୮୨, ଟାଙ୍ଗରପାଲିରେ ୧୬, ହେମଗିରରେ ୫, ଗୁରୁଣ୍ଡିଆରେ ୨୫, ଲାଠିକଟାରେ ୬, ବଡ଼ଗାଁରେ ୩୯, ବାଲିଶଙ୍କରାରେ ୯, ସବ୍‌ଡେଗାରେ ୮ ଓ କୋଇଡାରେ ୪ ପଜିଟିଭ ଚିହ୍ନଟ ହୋଇଥିବା ନେଇ ଜିଲା ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି।

## ସଂକ୍ଷେପରେ

### ସାନଭାଇକୁ ଟାଙ୍ଗିଆରେ ହାଣି ବଡ଼ଭାଇ ଗିରଫ

ନାକଟିଦେଉଳ,୧୬।୫(ଡ଼ି.ଏନ.ଏ.): ନାକଟିଦେଉଳ ଥାନା ଜାମୁଯୋରୀ ଗ୍ରାମରେ ଶନିବାର ରାତିରେ ଏକ ହତ୍ୟାକାଣ୍ଡ ଘଟିଛି। ପୋଲିସ ଅଭିଯୁକ୍ତ ବଡଭାଇ ଅର୍ଜ୍ଜୁନ ପ୍ରଧାନ ଓରଫ ବୁଲୁଙ୍କୁ ରବିବାର ଗିରଫ କରିଛି। ହତ୍ୟାକାଣ୍ଡରେ ବ୍ୟବହୃତ ଟାଙ୍ଗିଆ ଜବତ ହୋଇଛି । ବର୍ଷେ ପୂର୍ବର ରାଗ ଶୁଝାଇବାକୁ ଯାଇ ବଡ଼ଭାଇ ସାନଭାଇକୁ ଟାଙ୍ଗିଆରେ ହାଣି ହତ୍ୟା କରିଥିବା ରେଢାଖୋଲ ଏସଡ଼ିପିଓ ହାଡିବନ୍ଧୁ ସ୍ୱାଇଁ ସୂଚନା ଦେଇଛନ୍ତି। ଜାମୁଯୋରୀ ଗ୍ରାମର ଅର୍ଜ୍ଜୁନ ଓ ତାଙ୍କ ସାନଭାଇ ଅଶୋକଙ୍କ ମଧ୍ୟରେ ବର୍ଷେ ତଳେ ଗଣ୍ଡଗୋଳ ହୋଇଥିଲା । ସେତେବେଳେ ଦୁହିଁଙ୍କ ବିବାଦର ଆପୋଷ ସମାଧାନ ହୋଇଯାଇଥିଲେ ମଧ ଅର୍ଜ୍ଜୁନଙ୍କ ମନରେ ରାଗ ରହିଥିଲା । ଶନିବାର ରାତ୍ରି ପ୍ରାୟ ୯ଟା ସମୟରେ ଅଶୋକ ଜାମୁଯୋରୀ ଛକରୁ ବସ୍ତି ଭିତରେ ଥିବା ନିଜ ଘରକୁ ବାଇକ୍‌ରେ ଫେରୁଥିଲେ । ଏହି ସମୟରେ ତଅଁଳା ସାହି ସମ୍ମୁଖ ଗାଁ ଦାଣ୍ଡରେ ଛକି ରହିଥିବା ବଡଭାଇ ସାନଭାଇ ଅଶୋକଙ୍କ ବେକକୁ ଟାଙ୍ଗିଆରେ ଚୋଟ ମାରିଥିଲେ। ସେ ତଳେ ପଡ଼ିଯିବା ପରେ ପୁନର୍ବାର ଚୋଟ ମାରିବାରୁ ଘଟଣାସ୍ଥଳରେ ଅଶୋକଙ୍କ ମୃତ୍ୟୁ ଘଟିଥିଲା । ଖବର ପାଇ ନାକଟିଦେଉଳ ଥାନା ଅଧିକାରୀ ଦାୟିତ୍ୱରେ ଥିବା କିସିଣ୍ଡା ଥାନା ଅଧିକାରୀ ଚିରଞ୍ଜନ ନାଏକ ଏବଂ ଏସଆଇ ଧର୍ମେନ୍ଦ୍ର ଭୋଇ ପ୍ରମୁଖ ସଦଳବଳେ ପହଞ୍ଚି ଥିଲେ । ରବିବାର ସକାଳେ ରେଢାଖୋଲ ଏସଡ଼ିପିଓ ସ୍ୱାଇଁ ସାଇଣ୍ଟିଫିକ୍ ଟିମ୍ ସହ ଘଟଣାସ୍ଥଳକୁ ଯାଇ ତଦନ୍ତ କରିବା ସହ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ରେଢାଖୋଲ ପଠାଇଥିଲେ। ନାକଟିଦେଉଳ ଥାନାରେ ଏକ ମାମଲା(ନଂ ୪୧/୨୧)ରୁଜୁ କରାଯାଇଛି । ସୋମବାର ଅର୍ଜ୍ଜୁନଙ୍କୁ କୋର୍ଟ ଚାଲାଣ କରାଯିବ ବୋଲି ତଦନ୍ତକାରୀ ଅଫିସର ଧର୍ମେନ୍ଦ୍ର ଭୋଇ କହିଛନ୍ତି ।

# ବାପାଙ୍କ ସ୍ୱପ୍ନ ପୂରଣ ଲାଗି ଅଭିନବ ପ୍ରୟାସ

## ଶୁଦ୍ଧିକ୍ରିୟା ଭୋଜି ବଦଳରେ ଲୋକଙ୍କୁ ମାଗଣା ଔଷଧ

ସମ୍ବଲପୁର,୧୬।୫(ବ୍ୟୁରୋ)

କୋଭିଡ୍ କଟକଣା ସବୁ ବର୍ଗର ଲୋକଙ୍କ ଉପରେ ପ୍ରଭାବ ପକାଇଛି । ଲକ୍‌ଡାଉନ, ଶଟ୍‌ଡାଉନରେ ଲୋକେ ବିଭିନ୍ନ ଭାବେ ହନ୍ତସନ୍ତ ହେଉଛନ୍ତି। ଏଥିପାଇଁ ବିଭିନ୍ନ ଅନୁଷ୍ଠାନ, ବଦାନ୍ୟ ବ୍ୟକ୍ତି, ସାମାଜିକ କର୍ମୀ ଆଗେଇ ଆସି ନିଜ ପକ୍ଷରୁ ଅସହାୟଙ୍କୁ ଯଥାସମ୍ଭବ ସହାୟତା କରୁଛନ୍ତି। ଏଭଳି ସମୟରେ ସମ୍ବଲପୁର ଜିଲାର ଜଣେ ଯୁବକ ବାପାଙ୍କ ସ୍ୱପ୍ନକୁ ସାକାର କରିବା ଲାଗି ଲୋକଙ୍କୁ ମାଗଣାରେ ଔଷଧ ବଣ୍ଟନ କରି ଏବେ ଚର୍ଚ୍ଚାକୁ ଆସିଛନ୍ତି । ସେ ହେଲେ ମାନେଶ୍ୱର ବ୍ଲକ ଜାମପାଲି ଗ୍ରାମର ଫାର୍ମାସିଷ୍ଟ ଅକ୍ଷୟ କୁମାର ନାଏକ (୩୯)। ଗ୍ରାମ ନିକଟ ପରମାଣପୁର ଛକରେ ତାଙ୍କର ଏକ ଔଷଧ ଦୋକାନ ରହିଛି। ସେ ସେଠାରେ ଗତ ଦୁଇଦିନ ହେବ ମାଗଣା ଔଷଧ ବାଣ୍ଟିବା ଦେଖିବାକୁ ମିଳିଛି । ପ୍ରଥମ ଦିନରେ ପ୍ରାୟ ୭୦ ଜଣ ରୋଗୀ ଔଷଧ ନେବାକୁ ଆସିଥିବା ବେଳେ ଏବେ ଏହି ସଂଖ୍ୟା ଶତାଧିକ ଛୁଇଁଛି। ଗ୍ରାମାଞ୍ଚଳର ଗରିବ ଲୋକମାନେ ଧାଡ଼ିରେ ଆସି ଔଷଧ ନେବା ବେଳେ ସେ ସେମାନଙ୍କୁ କରୋନା ଟେଷ୍ଟ କରିବା ପାଇଁ ମଧ୍ୟ ପରାମର୍ଶ ଦେଉଛନ୍ତି ।



ମାନେଶ୍ୱର ବ୍ଲକର ପରମାଣପୁର ଛକରେ ଅକ୍ଷୟ ନାଏକ ଔଷଧ ବଣ୍ଟନ କରୁଛନ୍ତି ।

ଅକ୍ଷୟ କହିଛନ୍ତି ଯେ ସେ ବି ଫାର୍ମା ପଢ଼ିବା ପରେ ପରମାଣପୁର ଛକରେ ରିତିକା ନାମରେ ଏକ ଔଷଧ ଦୋକାନ ଖୋଲିଛନ୍ତି। ଏଥିରୁ ଭଲ ରୋଜଗାର ହେବା ସହ ଆଖପାଖ ଗ୍ରାମର ଲୋକଙ୍କୁ ସୁବିଧାରେ ଔଷଧ ମିଳିପାରୁଛି । ଲୋକଙ୍କୁ ୩୦ କିମି ଦୂର ସମ୍ବଲପୁର ଯିବାକୁ ପଡୁନାହିଁ। ତାଙ୍କ କହିବା ଅନୁସାରେ ବାପା ଗଣେଶ ନାଏକ ମୃତ୍ୟୁବରଣ କରିବା ପୂର୍ବରୁ ଅନେକ ସମୟରେ ଶୁଦ୍ଧି କ୍ରିୟା କରି ଶତାଧିକ ଲୋକଙ୍କୁ ଭୋଜିଭାତ ଦେବା ଓ ଅନ୍ୟ ଦିଗରେ ଖର୍ଚ୍ଚ ନ କରି ଲୋକଙ୍କ ଜରୁରୀ ସେବାରେ ସେ ବାବଦ ଟଙ୍କା ଖର୍ଚ୍ଚ କରିବାକୁ ତାଙ୍କୁ କହିଥିଲେ । ତାଙ୍କର ଏହି କଥାକୁ ମନେପକାଇ ତାଙ୍କ ପ୍ରତି ଶ୍ରଦ୍ଧାଞ୍ଜଳି ସ୍ୱରୂପ ଔଷଧ ବଣ୍ଟନ କରିବା ଚିନ୍ତା ମନରେ ଆସିଥିଲା। ସେ କହିଛନ୍ତି, ବାପା ବିଭିନ୍ନ ସାମାଜିକ ଅନୁଷ୍ଠାନ ସହ ଜଡ଼ିତ ଥିଲେ । ସମାଜସେବାରେ ବ୍ରତୀ ହୋଇ ଲୋକଙ୍କ ଦୁଃଖରେ ଛିଡ଼ା ହେଉଥିଲେ। ଗତ ୧୨ ତାରିଖରେ ବାପାଙ୍କ ୬୭ ବର୍ଷ ବୟସରେ ହୃଦ୍‌ଘାତରେ ମୃତ୍ୟୁ ଘଟିଥିଲା। ତେଣୁ ତାଙ୍କ ମୃତ୍ୟୁ ଘଟିବାର ଦୁଇଦିନ ପରେ ୧୪ ତାରିଖଠାରୁ ଏହି ସେବା ଆରମ୍ଭ ହୋଇଛି। ଡାକ୍ତରଙ୍କ ପ୍ରେସ୍‌କ୍ରିପଶନ ଦେଖି ଔଷଧ ଦିଆଯାଉଛି। ତେବେ ଗ୍ରାମାଞ୍ଚଳ ରୋଗୀମାନେ ମୁଖ୍ୟତଃ ଭାଇରାଲ ଜ୍ୱର, କାଶ, ଥଣ୍ଡା, ଗୋଡ଼ହାତ ବିନ୍ଧିବା ପାଇଁ ଆବଶ୍ୟକ ଔଷଧ ନେଇ ଖୁସିରେ ଯାଉଛନ୍ତି। ୧୦ ଦିନ ଧରି ଏହି ସେବା ଯୋଗାଇ ଦିଆଯିବ। ଆଗକୁ ଜାରି ରଖିବେ ନା ନାହିଁ ସେ ଏବେ ଚିନ୍ତା କରିନାହାନ୍ତି ବୋଲି କହିଛନ୍ତି ।

ବର୍ତ୍ତମାନ କରୋନା କଟକଣା ଯୋଗୁ ବହୁ ଲୋକ ଜୀବନ ଜୀବିକା ହରାଇ ବସିଛନ୍ତି। ଲୋକଙ୍କ ପାଖରେ ଖାଇବା ପାଇଁ ଅଭାବ ରହିଛି। ରୋଗାକ୍ରାନ୍ତ ହେଲେ ଟଙ୍କା ଅଭାବରୁ ଡାକ୍ତର ପାଖକୁ ଯାଇପାରୁନାହାନ୍ତି। ଅନ୍ୟପଟେ କୋଭିଡ୍ ସଂକ୍ରମଣର ଭୟ ମଧ୍ୟ ରହୁଛି। ଔଷଧ କିଣି ନ ପାରି ଅନେକେ ଭାଗ୍ୟକୁ ଆଦରି ପଡ଼ିରହୁଛନ୍ତ। ତେଣୁ ଲୋକଙ୍କୁ କିଛିଟା ସହାୟତା କଲେ ବାପାଙ୍କ ସ୍ୱପ୍ନ ପୂରା ହୋଇପାରିବ। ଏହାଛଡ଼ା ଏପରି ସେବାରେ ନିଜ ମନକୁ ଶାନ୍ତି ମିଳିପାରୁଛି ବୋଲି ଅକ୍ଷୟ କହିଛନ୍ତି। ଏଥିପାଇଁ ତାଙ୍କୁ ବିଭିନ୍ନ ମହଲରେ ପ୍ରଶଂସା କରାଯାଉଛି ।

# ଜିଲାପାଳଙ୍କ ଭିମସାର ପରିଦର୍ଶନ, ଚିକିତ୍ସା ନେଇ ସମୀକ୍ଷା

ସମ୍ବଲପୁର,୧୬।୫(ବ୍ୟୁରୋ)

ସମ୍ବଲପୁର ବୁର୍ଲା ଭୀମସାର କୋଭିଡ ମେଡିକାଲକୁ ରବିବାର ଜିଲାପାଳ ଶୁଭମ୍ ସକସେନା ପରିଦର୍ଶନ କରିଛନ୍ତି। ସେ କୋଭିଡ ମେଡିକାଲ ୧ ଓ ଦ୍ୱିତୀୟ କୋଭିଡ ମେଡିକାଲ ପରିଦର୍ଶନ କରିଥିଲେ। ସେଠାରେ ରୋଗୀମାନଙ୍କୁ କିଭଳି ଚିକିତ୍ସା କରାଯାଉଛି ସେନେଇ ସମୀକ୍ଷା କରିଥିଲେ। ଆବଶ୍ୟକ ଅକ୍ସିଜେନ, ଔଷଧ ଷ୍ଟକ ଉପରେ ପଚାରି ବୁଝିଥିଲେ। ଦ୍ୱିତୀୟ କୋଭିଡ ମେଡିକାଲରେ ଆଉ ୨ ଶହ ଶଯ୍ୟା ଶୀଘ୍ର କାର୍ଯ୍ୟକ୍ଷମ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ଡାକ୍ତର, ନର୍ସ ଓ ଅନ୍ୟ କର୍ମଚାରୀମାନଙ୍କ ଆବଶ୍ୟକତା ଓ ଆରଟିପିସିଆର ପରୀକ୍ଷା ବୃଦ୍ଧି କରିବା ନେଇ ଭୀମସାର କର୍ତ୍ତୃପକ୍ଷଙ୍କ ସହ ଆଲୋଚନା କରିଥିଲେ। ଏହି ଅବସରରେ କରୋନାର ତୃତୀୟ ଲହରକୁ କିଭଳି ମୁକାବିଲା କରାଯିବ ସେ ନେଇ ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଥିଲା। ଭୀମସାର୍ ନିର୍ଦ୍ଦେଶକ ପ୍ରଫେସର ଲଳିତ ମେହେର, ସୁପରିଟେଣ୍ଡେଣ୍ଟ ଲାଲ ମୋହନ ନାୟକଙ୍କ ସମେତ ବିଭାଗୀୟ ମୁଖ୍ୟମାନେ ଉପସ୍ଥିତ ରହିଥିଲେ । ସୂଚନାଯୋଗ୍ୟ ଯେ, ସମ୍ବଲପୁର ଜିଲାରେ କରୋନା ଆକ୍ରାନ୍ତଙ୍କ ସଂଖ୍ୟା ଦିନକୁ ଦିନ ବୃଦ୍ଧି ପାଇବାରେ ଲାଗିଛି।

# ଅଞ୍ଚଳବାସୀଙ୍କ ବିରୋଧକୁ ନେତାଙ୍କ ସମର୍ଥନ

## ପ୍ରସ୍ତାବିତ ଇଥୋନାଲ ବାୟୋ ରିଫାଇନେରି ପ୍ଲାଣ୍ଟ

- ଲକ୍‌ଡାଉନ ପରେ ଆନ୍ଦୋଳନ : ପ୍ରମୋଦ
- ଚାଷ ନଷ୍ଟ କରି ପ୍ଲାଣ୍ଟ ହେବ ନାହିଁ : ରୋହିତ

ସମ୍ବଲପୁର,୧୬।୫(ବ୍ୟୁରୋ)

ସମ୍ବଲପୁର ଜିଲା ମାନେଶ୍ୱର ତହସିଲ ଦେଓଗାଁରେ ଇଥୋନାଲ ବାୟୋ ରିଫାଇନେରି (ନଡାରୁ ତେଲ ବାହାର କରିବା) ପ୍ଲାଣ୍ଟ ହେବାକୁ ଯାଉଛି। ଏଥିପାଇଁ ଦିଲ୍ଲୀର ଏକ ଘରୋଇ କମ୍ପାନୀ ଜମି ଚିହ୍ନଟ କରି ସାରିଛି। ମୋଟ ୪୦ ଏକର ଜମିକୁ ମାପଚୁପ କରି ଅଧିଗ୍ରହଣ ପ୍ରକ୍ରିୟା ପାଇଁ ମାନେଶ୍ୱର ତହସିଲରେ ଆବେଦନ କରିଥିବା ଜଣାଯାଇଛି। ତେବେ ଏହି ପ୍ଲାଣ୍ଟ ପ୍ରତିଷ୍ଠାକୁ ବିରୋଧ କରାଯିବା ନେଇ ରବିବାର ଧରିତ୍ରୀ ଓ ଓଡିଶା ପୋଷ୍ଟରେ ତଥ୍ୟଭିତ୍ତିକ ଖବର ପ୍ରକାଶ ପାଇଥିଲା। ଏହି ଖବର ପ୍ରକାଶ ପାଇବା ପରେ ରେଢାଖୋଲ ବିଧାୟକ ତଥା ସରକାରୀ ଉପ ମୁଖ୍ୟ ସଚେତକ ଇଂ ରୋହିତ ପୂଜାରୀ ଓ ପୂର୍ବତନ ବିଜେଡି ଜିଲା ସଭାପତି ତଥା ଜିଲା ଓକିଲ ସଂଘ ସଭାପତି ଡ.ପ୍ରମୋଦ ରଥ ଜନସାଧାରଣଙ୍କୁ ସମର୍ଥନ କରି କମ୍ପାନୀକୁ ବିରୋଧ କରିଛନ୍ତି। ଡ. ରଥ ମାନେଶ୍ୱର ତହସିଲଦାରଙ୍କ ସହ ଏ ନେଇ ଆଲୋଚନା କରିଛନ୍ତି। ଆଲୋଚନା ବେଳେ ଏହି ପ୍ଲାଣ୍ଟ ପାଇଁ ଜମି ଦେବା ପ୍ରକ୍ରିୟା ବନ୍ଦ କରିବାକୁ ଦାବି କରିଛନ୍ତି। ଏହା କାର୍ଯ୍ୟକାରୀ ହେଲେ ସ୍ଥାନୀୟ ଲୋକେ ବହୁ ସମସ୍ୟାର ସମ୍ମୁଖୀନ ହେବା ସହ ପ୍ରଦୂଷଣ ବୃଦ୍ଧି ପାଇବ ବୋଲି ଦର୍ଶାଇଛନ୍ତି। ସେ ଏକ ପ୍ରେସ ବିବୃତ୍ତିରେ କହିଛନ୍ତି ଯେ, ଏବେ କୋଭିଡ କଟକଣା ଲାଗୁ କରାଯାଇଛି। ଅଞ୍ଚଳବାସୀଙ୍କ ସହ ଆଲୋଚନା କରାଯାଇଛି। ଏହି ପ୍ଲାଣ୍ଟକୁ ବିରୋଧ କରାଯିବ। କିଛି ମୁଷ୍ଟିମେୟ ଲୋକ କମ୍ପାନୀର ଦଲାଲଗିରି କରି ଗରିବ ଲୋକଙ୍କ ଜମି ହାତେଇବା ପାଇଁ ଯୋଜନା କରୁଛନ୍ତି। ତେଣୁ ଲକଡାଉନ ପରେ ତହସିଲ ଓ ଜିଲାପାଳ ଅଫିସ ସମ୍ମୁଖରେ ଆନ୍ଦୋଳନ କରାଯିବ ବୋଲି ସେ ଚେତାବନୀ ଦେଇଛନ୍ତି ।

ଉପ ମୁଖ୍ୟ ସଚେତକ ପୂଜାରୀ କହିଛନ୍ତି ଯେ, ମାନେଶ୍ୱର ତହସିଲ ଅଞ୍ଚଳ ସମେତ ସମଗ୍ର ରେଢାଖୋଲ ନିର୍ବାଚନମଣ୍ଡଳୀର ଜନସାଧାରଣ ଚାଷ ଉପରେ ନିର୍ଭର କରୁଛନ୍ତି। ତେଣୁ ଚାଷଜମି ନଷ୍ଟ କରି କୌଣସି ପ୍ଲାଣ୍ଟ ସ୍ଥାପନ କରାଇ ଦିଆଯିବ ନାହିଁ। ଏହା ହେଲେ ପ୍ରାକୃତିକ ସମ୍ପଦ ନଷ୍ଟ ହେବ ଓ ଲୋକେ ବିଭିନ୍ନ ସମସ୍ୟାର ସମ୍ମୁଖୀନ ହେବେ ବୋଲି କହିଛନ୍ତି। ଏନେଇ ବିଭାଗୀୟ ମନ୍ତ୍ରୀ ଓ ଜିଲାପାଳଙ୍କୁ ଚିଠି କରାଯିବ ବୋଲି ସେ କହିଥିଲେ। ସୂଚନାଯୋଗ୍ୟ, ମାନେଶ୍ୱର ତହସିଲ ଅଧୀନ ଦେଓଗାଁରେ ପ୍ଲାଣ୍ଟ ବସାଇବାକୁ ଏକ ଘରୋଇ କମ୍ପାନୀ ଜମି ଚିହ୍ନଟ କରିଛି। ପ୍ରାୟ ୪୦ ଏକର ରୟତି ଜମି ଚିହ୍ନଟ କରାଯାଇଛି । କମ୍ପାନୀ ପକ୍ଷରୁ ମାପଚୁପ ପାଇଁ ତହସିଲଦାରଙ୍କୁ ଅନୁରୋଧ କରାଯାଇଛି।

## ୱାର୍ଲ୍ଡ ହାଇପରଟେନ୍‌ସନ ଡେ’

# କରୋନା ଓ ଉଚ୍ଚ ରକ୍ତଚାପ

ଏବେ କରୋନାର ଦ୍ୱିତୀୟ ଲହର ଯୋଗୁ ଦେଶରେ ଭିନ୍ନ ପରିସ୍ଥିତି ସୃଷ୍ଟି ହୋଇଛି। ତେବେ ନୀରବ ଘାତକ ଭାବେ ଆଖ୍ୟାୟିତ ଉଚ୍ଚ ରକ୍ତଚାପ ବି କରୋନା ସଂକ୍ରମଣ ଆଶଙ୍କାକୁ ବଢାଉଛି। ଡାଇବେଟିସ୍, ହୃଦ୍‌ରୋଗ, କିଡ୍‌ନୀ, ମେଦବହୁଳ, ଦୀର୍ଘକାଳିକ ଶ୍ୱାସରୋଗ, ଉଚ୍ଚ ରକ୍ତଚାପ ଥିବା ବ୍ୟକ୍ତିଙ୍କୁ କରୋନା ସଂକ୍ରମଣ ଅଧିକ ହେଉଥିବା ଅନୁଧ୍ୟାନରୁ ଜଣାଯାଇଛି। ଏବେ ମଧ କୋଭିଡ-୧୯ ସଂକ୍ରମିତଙ୍କଠାରେ ଉଚ୍ଚ ରକ୍ତଚାପ ଅଧିକ ପରିଲକ୍ଷିତ ହେଉଛି।

ଜଣେ ବ୍ୟକ୍ତିର ସାଧାରଣ ରକ୍ତ ଚାପ ହେଉଛି ୧୨୦/୮୦ ଏମଏମ ଏଚଜି। ଯଦି ଏହି ରକ୍ତଚାପ ୧୨୦ରୁ୧୨୯/୮୦ ଏମଏମ ଏଚଜି ହେଲା ତାହାକୁ ଉଚ୍ଚ ରକ୍ତଚାପ, ୧୩୦ରୁ୧୩୯/୮୦ରୁ ୯୦କୁ ଅତ୍ୟଧିକ ଉଚ୍ଚ ରକ୍ତଚାପ (ଲେଭ୍ଲ-୧), ୧୪୦/୯୦ରୁ ଅଧିକ ହେଲେ ଅତ୍ୟଧିକ ଉଚ୍ଚ ରକ୍ତଚାପ (ଲେଭ୍ଲ-୨) ଏବଂ ୧୮୦/୧୨୦ରୁ ଅଧିକକୁ ଉଦ୍‌ବେଗଜନକ ଉଚ୍ଚ ରକ୍ତଚାପ ବୋଲି କୁହାଯାଏ। କିଡ୍‌ନୀ,ଡାଇବେଟିସ, ଥାଇରଏଡ୍, ହୃଦରୋଗ ଆଦିରେ ସାଧାରଣ ରକ୍ତଚାପ ଭାବେ ୧୧୦/୭୦ ଏମଏମ ଏଚଜିକୁ ନିଆଯାଇଛି।

ରକ୍ତଚାପ ଥରେ ଅଧିକ ବୋଲି ଜଣାପଡ଼ିଲେ ଔଷଧ ବ୍ୟବହାର ସହିତ କେତେକ କଥା ମାନି ଚଳିବାକୁ ପଡ଼ିଥାଏ। ପ୍ରଥମତଃ ଲୁଣ କମ୍ ଖାଇବେ। ଡାଇବେଟିସକୁ ନିୟନ୍ତ୍ରଣରେ ରଖିବେ। ଚର୍ବିଜାତୀୟ ଖାଦ୍ୟ ଖାଇବେ ନାହିଁ। ନିୟମିତ ବ୍ୟାୟାମ, ଯୋଗ ଏବଂ ପ୍ରାଣାୟାମ କରିବେ। ଶବାସନ ମଧ ରକ୍ତଚାପ ହ୍ରାସ କରିଥାଏ। ଜୀବନଶୈଳୀରେ ପରିବର୍ତ୍ତନ ଆଣନ୍ତୁ। ନିଶାଦ୍ରବ୍ୟ ସେବନ ଅଭ୍ୟାସ ଥିଲେ ତାହାକୁ ତୁରନ୍ତ ବର୍ଜନ କରନ୍ତୁ। ପ୍ରତି ଘଣ୍ଟାରେ ବସି ନ ରହି ଟିକେ ଚଲାବୁଲା କରନ୍ତୁ। ପ୍ରତିଦିନ ଅତିକମରେ ୪୦ ମିନିଟ୍ ବ୍ୟାୟାମ କରନ୍ତୁ। ଅତିକମରେ ୬-୭ ଘଣ୍ଟା ଶୁଅନ୍ତୁ। ଲିଫ୍ଟ ବ୍ୟବହାର ନ କରି ଶିଡ଼ି ଓ ପାହାଚ ଚଢ଼ି ଯିବାଆସିବା କରନ୍ତୁ। ଏଥିସହ ସବୁଜ ପନିପରିବା, ତଟକା ଫଳମୂଳ, କୋଳି, କ୍ଷୀର, ଓଟ୍, ମିଲ୍, କଦଳୀ, ବୂନା ମାଛ, ଶାଗ, ଭେଣ୍ଡି, କଲରା, ଜହ୍ନି, ମୁଗଡାଲି, କୋଳଥ ଡାଲି, ବାଜରା, ପୋହା, ପିଆଜ, ରସୁଣ, ଅମୃତଭଣ୍ଡା, ଅଁଳା, ଘୋଳ ଦହି, ସବୁଜ ଚଣା ହେଉଛି ଏହି ରୋଗୀଙ୍କ ପାଇଁ ଉପାଦେୟ ଖାଦ୍ୟ। ତେଣୁ ଯଦି ଆପଣ ଉଚ୍ଚ ରକ୍ତଚାପରେ ପୀଡ଼ିତ ତେବେ ନିୟମିତ ସମୟ ଅନ୍ତରାଳରେ ରକ୍ତଚାପ କେତେ ରହୁଛି ତାହା ଚେକ୍ କରିନିଅନ୍ତୁ ଏବଂ ଔଷଧ ଖାଇବା ସହିତ ଡାକ୍ତରଙ୍କ ସହ ପରାମର୍ଶ କରିବାକୁ ଭୁଲନ୍ତୁ ନାହିଁ।

–ଡା. ରାମଚନ୍ଦ୍ର ରାଉତ
ମୋ : ୯୪୩୭୭୪୨୪୯୯



### ଏ ବର୍ଷର ସ୍ଲୋଗାନ

ସମଗ୍ର ବିଶ୍ୱରେ ଚିନ୍ତାର କାରଣ ସାଜିଥିବା ରୋଗ ମଧ୍ୟରୁ ଉଚ୍ଚ ରକ୍ତଚାପ ଅନ୍ୟତମ। ଓଜନ ବୃଦ୍ଧି, ଅସନ୍ତୁଳିତ ଖାଦ୍ୟପେୟ ଏବଂ ଜୀବନଶୈଳୀ, ନିଶାଦ୍ରବ୍ୟ ସେବନ ଏହାର ପ୍ରମୁଖ କାରଣ। ତେଣୁ ଏ ନେଇ ସଚେତନତା ସୃଷ୍ଟି ଲାଗି ୨୦୦୬ଠାରୁ ପ୍ରତିବର୍ଷ ମେ’ ୧୭ ତାରିଖକୁ ୱାର୍ଲ୍ଡ ହାଇପରଟେନ୍‌ସନ ଡେ’ (ବିଶ୍ୱ ଉଚ୍ଚ ରକ୍ତଚାପ ଦିବସ) ଭାବରେ ପାଳନ କରାଯାଇଆସୁଅଛି। ଚଳିତବର୍ଷ ଏହି ଦିବସ ଅବସରରେ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ତରଫରୁ ଘୋଷିତ ସ୍ଲୋଗାନଟି ହେଲା, ‘ନିଜର ରକ୍ତଚାପ ମାପନ୍ତୁ, ନିୟନ୍ତ୍ରଣରେ ରଖନ୍ତୁ ଏବଂ ଦୀର୍ଘଜୀବୀ ହୁଅନ୍ତୁ’।

### ଆୟୁର୍ବେଦୀୟ ଉପଚାର

- ରୋଗୀ ଦୈନିକ ସକାଳେ ଖାଲି ପେଟରେ ରସୁଣ ୨/୩ ପୁଡା (କଞ୍ଚା) ଚୋବାଇ ଖାଇବା ଆବଶ୍ୟକ।
- ନିମ୍ବ ପତ୍ର ୫ଟି ଏବଂ ତୁଳସୀ ପତ୍ର ୧୦/୧୨ଟି ଦୈନିକ ସକାଳେ ଏବଂ ଖାଲି ପେଟରେ ସଜନା ପତ୍ର ରସ ୨/୩ ଚାମଚ ସେବନ କରନ୍ତୁ।
- ସକାଳେ ଏବଂ ସନ୍ଧ୍ୟାରେ ଖାଇବା ପୂର୍ବରୁ ଅର୍ଜ୍ଜୁନ ଛାଲି ରସ ୩ ଚାମଚ ଏକ କପ ଉଷ୍ମ କ୍ଷୀର ସହ ମିଶାଇ ପିଅନ୍ତୁ।
- ସର୍ପଗନ୍ଧା, ଜଟାମାଂସୀ, ଅର୍ଜ୍ଜୁନ, ଅଶ୍ୱଗନ୍ଧା ମାତ୍ରାନୁଯାୟୀ ଚୂର୍ଣ୍ଣ ସେବନ କରନ୍ତୁ।
- ମୁଣ୍ଡରେ ମଧ୍ୟମ ନାରାୟଣ ତୈଳ, ସର୍ପଗନ୍ଧା ତୈଳ ବା ହିମସାଗର ତୈଳ ମାଲିସ କଲେ ସୁଫଳ ମିଳିଥାଏ।

–ଡା. ଆଶିଷ ବାନାର୍ଜୀ
ମୋ : ୯୮୬୧୩୭୪୩୮୫

### କିପରି କରିବେ ନିୟନ୍ତ୍ରଣ

୨୦୦୬ରୁ ପ୍ରତିବର୍ଷ ମେ’ ୧୭ ତାରିଖକୁ ବିଶ୍ୱ ଉଚ୍ଚ ରକ୍ତଚାପ ଦିବସ ଭାବେ ପାଳନ କରାଯାଉଅଛି। ଏ ବିଷୟରେ ସଚେତନ କରାଇବା ଏହି ଦିବସ ପାଳନର ଅସଲ ଉଦ୍ଦେଶ୍ୟ। ତେବେ ଉଚ୍ଚ ରକ୍ତଚାପ ଦ୍ୱାରା ବିଭିନ୍ନ ଅଙ୍ଗପ୍ରତ୍ୟଙ୍ଗ ଖରାପ ହେବାର ଆଶଙ୍କା ଥାଏ, ଯେପରି କି ମସ୍ତିଷ୍କ, ହୃତ୍‌ପିଣ୍ଡ, ବୃକ୍କ, ଆଖି ଇତ୍ୟାଦି। ତେଣୁ ଉଚ୍ଚ ରକ୍ତଚାପ ଥିବା ରୋଗୀ ନିୟମିତ ଡାକ୍ତରୀ ପରୀକ୍ଷା କରାଇବା ଜରୁରୀ। ଉଚ୍ଚ ରକ୍ତଚାପ ହେବା ପାଇଁ ଜେନେଟିକ୍, ଅସନ୍ତୁଳିତ ଖାଦ୍ୟପେୟ, ମେଦବହୁଳତା, ବ୍ୟାୟାମ ଅଭାବ, ମଦ୍ୟ ଏବଂ ସିଗାରେଟ୍ ସେବନ ଇତ୍ୟାଦି କାରଣ ମୁଖ୍ୟତଃ ଦାୟୀ। ଡାଇବେଟିସ ଏବଂ କିଡ୍‌ନୀ ରୋଗୀଙ୍କୁ ମଧ ଉଚ୍ଚ ରକ୍ତଚାପ ହେବାର ଆଶଙ୍କା ଅଧିକ ଥାଏ। ବିଭିନ୍ନ ପ୍ରକାରର ଔଷଧ ଦ୍ୱାରା ଉଚ୍ଚ ରକ୍ତଚାପର ଚିକିତ୍ସା କରାଯାଇଥାଏ। ତେଣୁ ଅବହେଳା ନ କରି ତୁରନ୍ତ ଏବଂ ନିୟମିତ ଅଭିଜ୍ଞ ଡାକ୍ତରଙ୍କ ପରାମର୍ଶ କରାଇ ନେବା ଆବଶ୍ୟକ। ‘ପ୍ରିଭେନ୍‌ସନ ଇଜ୍ ବେଟର ଦ୍ୟାନ୍ କ୍ୟୁଅର’ ତେଣୁ ଯେପରି ଜଣଙ୍କୁ ଉଚ୍ଚ ରକ୍ତଚାପ ନ ହୁଏ, ସେଦିଗରେ ବିଶେଷ ଧ୍ୟାନ ଦେବା ଜରୁରୀ। ଯେପରି କି – ନିୟମିତ ବ୍ୟାୟାମ କରିବା, ଅଧିକ ଚର୍ବିଯୁକ୍ତ ଖାଦ୍ୟ ନ ଖାଇବା, ନିଶା ସେବନଠୁ ଦୂରେଇ ରହିବା, ଠିକ୍ ସମୟରେ ସନ୍ତୁଳିତ ଆହାର କରିବା, ଉପଯୁକ୍ତ ନିଦ୍ରା, ମାନସିକ ଚାପ ଓ ଅବସାଦଠାରୁ ଦୂରେଇ ରହିବା, ସମୟ ଅନ୍ତରାଳରେ ରକ୍ତଚାପ, ରକ୍ତଶର୍କରା, ଲିପିଡି ପ୍ରୋଫାଇଲ, ୟୁରିଆ କ୍ରିଏଟିନ୍ ଇତ୍ୟାଦି ପରୀକ୍ଷା କରି ଡାକ୍ତରଙ୍କ ପରାମର୍ଶ ନେବା ଆବଶ୍ୟକ।

– ଡା. ମୃଣ୍ମୟ କୁମାର ମହାନ୍ତି
(ଏମ୍‌ରଜେନ୍‌ସି ମେଡିସିନ୍ ବିଶେଷଜ୍ଞ),
ସିଲ୍‌ଭରସିଟି ହସ୍ପିଟାଲ, ଚାଉଳିଆଗଞ୍ଜ, କଟକ









ଧରିତ୍ରୀ
DHARITRI
ସମ୍ବଲପୁର, ସୋମବାର, ୧୭ ମେ, ୨୦୨୧

**ନବନାଟ୍ୟ ନିକେତନ ପକ୍ଷରୁ ରାଜା ସାର୍ ବାସୁଦେବ ସୁଢ଼ଳଦେବଙ୍କ ଜୟନ୍ତୀ**

ଦେବଗଡ,(ଡି.ଏନ.ଏ): ଦେବଗଡ ଜିଲାର ଅଗ୍ରଣୀ ନାଟ୍ୟାନୁଷ୍ଠାନ ନବନାଟ୍ୟ ନିକେତନ ପକ୍ଷରୁ ରବିବାର ବାମଣ୍ଡାର ବିକ୍ରମାଦିତ୍ୟ ରାଜା ସାର ବାସୁଦେବ ସୁଢ଼ଳଦେବଙ୍କର ଜୟନ୍ତୀ ପାଳିତ ହୋଇଯାଇଛି । ଏହି ଉପଲକ୍ଷେ ନବନାଟ୍ୟ ନିକେତନର ସଭାପତି ହେମନ୍ତ କୁମାର ମହାପାତ୍ର, ବାମଣ୍ଡା ରାଜ ପରିବାରର ସଦସ୍ୟା ଅରୁନ୍ଧତୀ କୁମାରୀ ଦେବୀ, ନିରଞ୍ଜନ ଦ୍ୱିବେଦୀ, ଆରତୀ ଦେଇ ଓ ଝରଣା ଧାଉଁଳିଆଙ୍କ ସମେତ ବହୁ ଜନ ସାଧାରଣ ଦେବଗଡ ରାଜପ୍ରାସାଦ ସମ୍ମୁଖସ୍ଥ ରାଜା ସାର୍ ସୁଢ଼ଳଦେବଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ ପୂର୍ବକ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ ।



## ସଂକ୍ଷେପରେ

### ଝାରସୁଗୁଡ଼ା ଜିଲାରେ ଥାନା ଅଧିକାରୀଙ୍କ ଅଦଳବଦଳ

**ଝାରସୁଗୁଡ଼ା ଅଫିସ୍,୧୬ା୫:** ଝାରସୁଗୁଡ଼ା ଜିଲାରେ ବିଭିନ୍ନ ଥାନା ଅଧିକାରୀଙ୍କ ଅଦଳବଦଳ ହୋଇଛି। ଏ ନେଇ ରବିବାର ଏସ୍‌ପି ବିକାଶ ଚନ୍ଦ୍ର ଦାସ ବିଧିବଦ୍ଧ ଭାବେ ନାମ ପ୍ରକାଶ କରିଛନ୍ତି। ସେମାନଙ୍କ ମଧ୍ୟରେ ଓରିଏଣ୍ଟ ଥାନା ଆଇଆଇସି ବୈକୁଣ୍ଠ ବିହାରୀ ସେଠ୍‌ଙ୍କୁ ବ୍ରଜରାଜନଗର ଥାନା ଆଇଆଇସି, ତାଳପଟିଆ ଫାଣ୍ଡି ଅଧିକାରୀ କଲ୍ୟାଣି ବେହେରାଙ୍କୁ ଓରିଏଣ୍ଟ ଥାନା ଆଇଆଇସି, ବେଲପାହାଡ ଥାନା ଆଇଆଇସି ରଶ୍ମିତା ବେହେରାଙ୍କୁ ବନହରପାଲି ଥାନା ଆଇଆଇସି, ବେଲପାହାଡ ଥାନା ଆଇଆଇସି ଭାବେ ରଞ୍ଜନ କୁମାର ବିଶ୍ୱାଳ, ଲଖନପୁର ଥାନା ଆଇଆଇସି ଭାବେ ଦୁଃଖିନ୍ଦ୍ର ସାହୁଙ୍କୁ ବଦଳି କରାଯାଇଛି। ସେହିପରି ଝାରସୁଗୁଡା ଜିଲା ମୁଖ୍ୟ କାର୍ଯ୍ୟାଳୟ (ଆଇଏଏଚ୍‌ଟିୟୁ) ଅଧିକାରୀ ଭାବେ ସିପୋରା ସରାୟ୍ ଲୁଗୁନ୍, ମୁଖ୍ୟ କାର୍ଯ୍ୟାଳୟ (ଆଇୟୁସିଏଡବ୍ଲୁ) ଅଧିକାରୀ ଭାବେ ସୁନିଲ କୁମାର ସରାଫ୍ ଓ ଇଗ୍ନେଶ ବାର୍ଲା ପ୍ରମୁଖଙ୍କୁ ବଦଳି କରାଯାଇଛି।

### ପରୀକ୍ଷା ଫଳ ପ୍ରକାଶ ପାଇଁ ଯୋଗ ଦେଲେ କର୍ମଚାରୀ

**ଏସୟୁ କର୍ମଚାରୀ କାର୍ଯ୍ୟବନ୍ଦ ଆନ୍ଦୋଳନ**

**ସମ୍ବଲପୁର,୧୬ା୫(ବ୍ୟୁରୋ):** ସମ୍ବଲପୁର ବିଶ୍ୱବିଦ୍ୟାଳୟ (ଏସୟୁ) କର୍ମଚାରୀଙ୍କ କାର୍ଯ୍ୟବନ୍ଦ ଆନ୍ଦୋଳନରେ ସାମାନ୍ୟ କୋହଳ କରାଯାଇଛି। ଏମବିବିଏସ ଛାତ୍ରଙ୍କ ପରୀକ୍ଷା ଫଳ ପ୍ରକାଶ ପାଇଁ କେତେଜଣ କର୍ମଚାରୀ କାର୍ଯ୍ୟରେ ଯୋଗଦାନ କରିଛନ୍ତି। ଅନ୍ୟପକ୍ଷେ ପେନସନ, ଦରମା, ବିଲ ବିଭାଗ କର୍ମଚାରୀମାନେ ଯୋଗ ଦେବାକୁ ରେଜିଷ୍ଟ୍ରାର କାର୍ଯ୍ୟାଳୟରୁ ଚିଠି କରାଯାଇଛି। ଆର୍ଥିକ କାରବାର ଅଟକି ଯାଇଥିବାରୁ କର୍ମଚାରୀଙ୍କୁ ଯୋଗ ଦେବାକୁ କୁହାଯାଇଛି। ଅନ୍ୟପକ୍ଷେ କୋଭିଡ ମୁକାବିଲାରେ ଡାକ୍ତରମାନେ କାମ କରୁଛନ୍ତି। ତାଙ୍କର ପରୀକ୍ଷା ଫଳ ପ୍ରକାଶ ପାଇବା ନିହାତି ଆବଶ୍ୟକ । ତେଣୁ ସଂଘ କେବଳ ଏହି ବିଭାଗର କର୍ମଚାରୀମାନଙ୍କୁ ଯୋଗ ଦେବାକୁ ଅନୁମତି ଦେଇଥିବା ସଂଘର ସଂପାଦକ ସତ୍ୟ ନାରାୟଣ କର କହିଛନ୍ତି । ଆଗାମୀ କାର୍ଯ୍ୟପନ୍ଥା ପାଇଁ ରବିବାର ବୈଠକ ଅନୁଷ୍ଠିତ ହୋଇଛି। ସଂଘ ବିଭିନ୍ନ ଦାବି ଉପରେ ଆଲୋଚନା କରିଛି । ସଭାପତିଙ୍କ ଅନୁମୋଦନ ପରେ ଏହା କାର୍ଯ୍ୟକାରୀ କରାଯିବ ବୋଲି ସମ୍ପାଦକ କହିଥିଲେ। ସୂଚନାଯୋଗ୍ୟ, ଏପ୍ରିଲ ୨୦ ତାରିଖରେ ଅସ୍ଥାୟୀ କର୍ମଚାରୀ ଦୀନବନ୍ଧୁ ମିଶ୍ର ଆତ୍ମହୁତି ଦେଇଥିଲେ। ତାଙ୍କର ମୃତଦେହ ରଖି ଏସୟୁ ପ୍ରଶାସନିକ କୋଠା ସମ୍ମୁଖରେ ଦୀନବନ୍ଧୁଙ୍କ ପରିବାର ଓ କର୍ମଚାରୀମାନେ ଆନ୍ଦୋଳନ କରିଥିଲେ।

# ୧୮ ଘଣ୍ଟା ପଡ଼ିରହିଲା କରୋନା ସଂକ୍ରମିତଙ୍କ ମୃତଦେହ

**ଦେବଗଡ଼,୧୬ା୫(ଡି.ଏନ.ଏ)**

- ଜିଲାପାଳଙ୍କ ନିର୍ଦ୍ଦେଶ ପାଣିର ଗାର
- ସହାୟତା କଲେନି ସରପଞ୍ଚ ଓ ଗ୍ରାମବାସୀ

କରୋନାର ସଫଳ ମୁକାବିଲା କରିବା ସହ ମୃତଦେହ ପ୍ରତି ଯେଭଳି ଅସମ୍ମାନ ପ୍ରଦର୍ଶନ କରା ନ ଯାଏ ସେଥିପ୍ରତି ଧ୍ୟାନ ଦେବା ପାଇଁ ୪ଦିନ ପୂର୍ବେ ଜିଲାପାଳ-ସରପଞ୍ଚ ଭର୍ଚୁଆଲ ବୈଠକରେ ଦେବଗଡ ଜିଲାପାଳ ସୁଧାଂଶୁ ମୋହନ ସାମଲ ସରପଞ୍ଚମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ସେହିପରି ଶବଦାହ ପାଇଁ ଆବଶ୍ୟକ ଅର୍ଥ ବ୍ଲକ କର୍ତ୍ତୃପକ୍ଷଙ୍କଠାରୁ ସରପଞ୍ଚମାନେ ସଂଗ୍ରହ କରିପାରିବେ ବୋଲି ଜିଲାପାଳ ସାମଲ ମତବ୍ୟକ୍ତ କରିଥିଲେ। ମାତ୍ର କିଭଳି ଭାବେ ଜିଲାପାଳଙ୍କ ନିର୍ଦ୍ଦେଶର ଖୋଲା ଉଲ୍ଲଂଘନ କରାଯାଇଛି ତାହା ବାରକୋଟ ବ୍ଲକ ରାଇତାବାହାଲ ଗ୍ରାମ ପଞ୍ଚାୟତର ଗଡ଼ଗଡବାହାଲ ଗ୍ରାମରେ ଘଟିଥିବା ଏକ ଘଟଣାରୁ ସ୍ପଷ୍ଟ ଜଣାପଡୁଛି। ମିଳିଥିବା ସୂଚନା ଅନୁଯାୟୀ ଗଡ଼ଗଡବାହାଲ ଗ୍ରାମର ବୈରାଗୀ ସାହୁ (୬୦) ସ୍ତ୍ରୀ ମାଳତିଙ୍କ ସହ ନିଜ ଘରେ ରହୁଥିବାବେଳେ ପୁଅ ବିରେନ ଆନ୍ଧ୍ରପ୍ରଦେଶରେ ରହି କାମ କରୁଥିଲେ। ବୈରାଗୀ ଅସୁସ୍ଥ ଅନୁଭବ କରିବାରୁ ଗତ ଶୁକ୍ରବାର ବୁର୍ଲା ଡାକ୍ତରଖାନାରେ ସ୍ୱାବ୍ ପରୀକ୍ଷା କରିବାରୁ ନମୁନା ପଜିଟିଭ ଥିବା ଜଣାପଡିଥିଲା। ଡାକ୍ତରଙ୍କ ପରାମର୍ଶ କ୍ରମେ ଗୃହ ସଙ୍ଗରୋଧରେ ରହି ଚିକିତ୍ସିତ ହେବା ପାଇଁ ସେ ଉକ୍ତ ସନ୍ଧ୍ୟାରେ ଗଡ଼ଗଡବାହାଲ ଗ୍ରାମ ସ୍ଥିତ ନିଜ ଘରକୁ ଫେରିଆସିଥିଲେ। ତେବେ ଶନିବାର ଅପରାହ୍ନ ପ୍ରାୟ ୩ଟାରେ ତାଙ୍କର ମୃତ୍ୟୁ ଘଟିଥିଲା। ଫଳରେ ବୈରାଗୀଙ୍କ ସ୍ତ୍ରୀ ମାଳତୀ ସମ୍ପୂର୍ଣ୍ଣ ଭାବେ ଏକୁଟିଆ ହୋଇପଡିବା ସହ ସ୍ୱାମୀଙ୍କ ଶବ ସତ୍କାର ନେଇ ତାଙ୍କ ମୁଣ୍ଡରେ ଚଡ଼କ ପଡ଼ିଥିଲା। ମାଳତୀ ଏ ସମ୍ପର୍କରେ ଗ୍ରାମବାସୀଙ୍କୁ ଜଣାଇଥିଲେ ହେଁ କରୋନା ସଂକ୍ରମଣ ଭୟରେ ବୈରାଗୀଙ୍କ ମୃତଦେହ ଛୁଇଁବାକୁ କେହି ରାଜି ହୋଇ ନ ଥିଲେ। ଏଣେ ମୃତଦେହ ସତ୍କାର ପାଇଁ ଉକ୍ତ ଗ୍ରାମର ବୈରାଗୀଙ୍କ ପଡୋଶୀ ବେଣୁଧର ପ୍ରଧାନ ଫୋନ ଯୋଗେ ବାରକୋଟ ବ୍ଲକର ବିଡିଓ ଟୁନୁ ମେହେରଙ୍କୁ ନିବେଦନ କରିବାରୁ ବିଡିଓ ମେହେର ସନ୍ଧ୍ୟା ପ୍ରାୟ ୭ ରେ ଏକ ଟାଟା ମ୍ୟାଜିକ ଗାଡି ସହ ୫ଟି ପିପିଇ କିଟ୍ ପଠାଇ ଦେଇ ନିଜର ଦାୟିତ୍ୱ ସାରିଦେଇଥିଲେ। ଏପରିକି ଉକ୍ତ ଗାଡିରେ ମୃତଦେହ ବୋହିପାରିବ ନାହିଁ ବୋଲି ଗାଡିର ଚାଳକ ରୋକ୍‌ଠୋକ୍ ଭାବେ କହିବା ସହ ପ୍ରାୟ ୨ଘଣ୍ଟା ସେଠାରେ ରହି ଫେରିଆସିଥିଲା । ଏଣେ ଗ୍ରାମବାସୀ ସରପଞ୍ଚ ଗାୟତ୍ରୀ ବେହେରାଙ୍କ ସହାୟତା ଲୋଡିବାରୁ ସରପଞ୍ଚ ନିଜେ ସେଠାକୁ ନ ଆସି ତାଙ୍କ ସ୍ୱାମୀ ତ୍ରିନାଥ ବେହେରା ଘେରାଏ ବୁଲି ସେଠାରୁ ଫେରିଯାଇଥିଲେ। ଫଳରେ ଅନନ୍ୟୋପାୟ ହୋଇ ବୈରାଗୀଙ୍କ ସ୍ତ୍ରୀ ମାଳତୀ ହତାଶ ହୋଇପଡିବା ସହ ଗାଁରେ ମୃତଦେହ ପଡିରହିଥିବାରୁ ଗ୍ରାମବାସୀ ରୋଷେଇ ମଧ୍ୟ କରିପାରି ନ ଥିଲେ । ଫଳରେ ସହାୟତା ପାଇଁ ଶେଷରେ ରାତ୍ରି ପ୍ରାୟ ୯ଟାରେ ସେମାନେ ଜିଲା ବିଜେଡି ସଭାପତି ରୋମାଞ୍ଚ ରଞ୍ଜନ ବିଶ୍ୱାଳଙ୍କୁ ଫୋନ କରି ତାଙ୍କର ସହାୟତା ଲୋଡିଥିଲେ । ଜିଲା ବିଜେଡି ସଭାପତି ବିଶ୍ୱାଳ ରବିବାର ସକାଳ ପ୍ରାୟ ୬ଟାରେ ତାଙ୍କର ୪ ଜଣ ସହଯୋଗୀଙ୍କ ସହିତ ବୈରାଗୀଙ୍କ ଘରେ ପହଞ୍ଚିବା ସହ ମୃତଦେହ ସତ୍କାର ପାଇଁ ପ୍ରକ୍ରିୟା ଆରମ୍ଭ କରିଥିଲେ। ତେବେ ବୈରାଗୀଙ୍କ ଘରୁ ଶ୍ମଶାନଘାଟର ଦୂରତ୍ୱ ପ୍ରାୟ ୨କି.ମି. ରହିଥିବାରୁ ଶବନେବା ପାଇଁ ଏକ ଗାଡି ପଠାଇବା ନିମନ୍ତେ ବିଡିଓଙ୍କୁ ଫୋନ ଯୋଗେ ନିବେଦନ କରିଥିଲେ । ଏହା ସତ୍ତ୍ୱେ ବିଡିଓ ମେହେର କୌଣସି ସହାୟତା ନ କରିବାରୁ ଶେଷରେ ସେ ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀଙ୍କ ସହାୟତା ଲୋଡିଥିଲେ। ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ ପୂର୍ବାହ୍ନ ପ୍ରାୟ ୧୧ଟାରେ ଏକ ଗାଡି ପଠାଇବା ପରେ ଜିଲା ବିଜେଡି ସଭାପତି ବିଶ୍ୱାଳ ଓ ସହଯୋଗୀମାନେ ଉକ୍ତ ଗାଡିରେ ବୈରାଗୀଙ୍କ ମୃତଦେହ ଭର୍ତ୍ତିକରି ଶ୍ମଶାନକୁ ନେଇଥିଲେ। ମଧ୍ୟାହ୍ନ ପ୍ରାୟ ୧୨ଟାରେ ସେଠାରେ ବୈରାଗୀଙ୍କ ମୃତଦେହ ଦାହ କରାଯାଇଥିଲା । ଇତ୍ୟବସରରେ ବୈରାଗୀଙ୍କ ପୁଅ ଧିରେନ ସେଠାରେ ପହଞ୍ଚି ମୁଖାଗ୍ନି ଦେଇଥିଲେ। ତେବେ କରୋନା ସଂକ୍ରମଣ ଭୟରେ ଗ୍ରାମବାସୀମାନେ ବୈରାଗୀଙ୍କ ମୃତଦେହକୁ ଛୁଇଁବାକୁ ମନା କରିଥିଲେ ମଧ୍ୟ ସତ୍କାର ପାଇଁ କାଠ ଯୋଗାଡ କରିବା ସହ ପଛେପଛେ ଶ୍ମଶାନ ପର୍ଯ୍ୟନ୍ତ ଯାଇଥିଲେ। ଏ ସମ୍ପର୍କରେ ସରପଞ୍ଚ ଶ୍ରୀମତୀ ବେହେରାଙ୍କ ମତାମତ ନିମନ୍ତେ ଯୋଗାଯୋଗ କରାଯାଇଥିଲା। ମାତ୍ର ତାଙ୍କର ମୋବାଇଲ ସୁଇଚ ଅଫ୍ ଥିବାରୁ ଏହା ସମ୍ଭବ ହୋଇନାହିଁ । ଅନ୍ୟପକ୍ଷରେ ଏ ସମ୍ପର୍କରେ ବାରକୋଟ ବିଡିଓ ମେହେରଙ୍କ ମତାମତ ଲୋଡିବାରୁ ଗ୍ରାମବାସୀଙ୍କ ସୂଚନା ପାଇବା ପରେ ସେ ୫ଟି ପିପିଇ କିଟ ସହ ତୁରନ୍ତ ଏକ ଗାଡି ପଠାଇଥିବା ପ୍ରକାଶ କରିବା ସହ ଗ୍ରାମବାସୀ ସହଯୋଗ ନ କରିବାରୁ ଶବ ବ୍ୟବଚ୍ଛେଦ ସମ୍ଭବ ହୋଇ ନ ଥିବା ଉତ୍ତର ଦେଇଥିଲେ।

## ଜୁଆଆଡ୍ଡା ଉପରେ ଚଢ଼ାଉ, ୬ ଗିରଫ



ପୋଲିସ ଜୁଆଆଡ୍ଡାରୁ ଜବତ କରିଥିବା ସାମଗ୍ରୀ।

**ସୁନ୍ଦରଗଡ଼,୧୬ା୫(ଡି.ଏନ୍.ଏ.)**

**୫ କାର୍, ନଗଦ ୯୫ ହଜାର ଟଙ୍କା ଜବତ**

ସୁନ୍ଦରଗଡ଼ ସହର ଶଙ୍କରା ବାଇପାସ ରାସ୍ତା କଡ଼ରେ ଚାଲିଥିବା ଏକ ଜୁଆ ଆଡ୍ଡା ଉପରେ ଟାଉନ୍‌ଥାନା ପୋଲିସ ଚଢ଼ାଉ କରି ୬ଜଣଙ୍କୁ ଗିରଫ କରିଛି। ପୋଲିସ ସେମାନଙ୍କ ନିକଟରୁ ୫ଟି କାର୍ ସହ ନଗଦ ୯୫ ହଜାର ୫୪୦ ଟଙ୍କା, ୮ମୋବାଇଲ ଫୋନ୍ ଜବତ କରିଛି। ଲକ୍ ଡାଉନ ଓ ଶଟ୍ ଡାଉନର ସୁଯୋଗରେ କେତେକ ସ୍ଥାନରେ ଜୁଆଖେଳ ସୂଚନା ପାଇବା ପରେ ସୁନ୍ଦରଗଡ଼ ଏସ୍‌ପି ସାଗରିକା ନାଥଙ୍କ ନିର୍ଦ୍ଦେଶ କ୍ରମେ ସଦର ଏସ୍‌ଡିପିଓ ମଧୁସ୍ମିତା ମିଶ୍ରଙ୍କ ନେତୃତ୍ୱରେ ଟାଉନ ଥାନା ପୋଲିସ୍ ଚଢ଼ାଉ କରିଥିଲା। ଚଢ଼ାଉବେଳେ ପୋଲିସ ଜୁଆ ଖେଳୁଥିବା ସହରର ୬ଜଣଙ୍କୁ ଗିରଫ କରିଥିଲା।

## ଚେଇଁଲା ପ୍ରଶାସନ: ବନ୍ଦ ହେଲା ମାଛଧରା

**ସୁନ୍ଦରଗଡ଼,୧୬ା୫(ଡି.ଏନ.ଏ.)**

କରୋନା କଟକଣାକୁ ଉଲ୍ଲଂଘନ କରି ଶହଶହ ଲୋକଙ୍କ ଜୀବନକୁ ବାଜିରେ ଲଗାଇ ବାଲିଶଙ୍କରା ବ୍ଲକ ଦେଓଭୁବନପୁର ପଞ୍ଚାୟତ ଅନ୍ତର୍ଗତ ରଷ୍ଟି ଗ୍ରାମରେ ଥିବା ଜଳାଶୟରେ ଚାଲିଥିବା ମାଛଧରାକୁ ନେଇ ଖବର ପ୍ରକାଶିତ ହେଲା ପରେ ଚେଇଁ ଉଠିଥିଲା ପ୍ରଶାସନ। ଜିଲା ପୋଲିସର ଉଚ୍ଚ ଅଧିକାରୀଙ୍କ କଡ଼ା ନିର୍ଦ୍ଦେଶ ପରେ କିଞ୍ଜିରକେଲା ଥାନା ପୋଲିସ ରଷ୍ଟିରେ ଦୀର୍ଘ ଦିନ ଧରି ଚାଲିଥିବା ମାଛଧରାକୁ ବନ୍ଦ କରିଥିବା ଜଣାପଡିଛି। ଏଠାରେ ସୂଚନାଯୋଗ୍ୟ ଯେ, କରୋନାର ଦ୍ୱିତୀୟ ଲହରର ଭୟାବହତା ବଢିବଢି ଚାଲିଥିବା ବେଳେ ଏହାର ମୁକାବିଲା ପାଇଁ ସବୁସ୍ତରରେ ଉଦ୍ୟମ ଜାରି ରହିଛି। କରୋନା ସଂକ୍ରମଣରେ ରୋକ୍ ଲଗାଇବା ପାଇଁ ସରକାରଙ୍କ ପକ୍ଷରୁ ପ୍ରଥମେ ରାତ୍ରିକାଳୀନ କର୍ଫ୍ୟୁ କରାଯିବା ପରେ ସପ୍ତାହର ଦୁଇଦିନ ଶଟ୍ ଡାଉନ ଓ ପରେ ସମଗ୍ର ରାଜ୍ୟରେ ଲକ୍‌ଡାଉନ ଘୋଷଣା କରାଯାଇଛି। ଜରୁରୀ କାମ ନ ଥିଲେ ଅଯଥା ଘରୁ ନ ବାହାରିବା ପାଇଁ ସରକାରଙ୍କ ପକ୍ଷରୁ ନିର୍ଦ୍ଦେଶ ରହିଛି। ହେଲେ ବାଲିଶଙ୍କରା ବ୍ଲକ ଦେଓଭୁବନପୁର ପଞ୍ଚାୟତ ଅନ୍ତର୍ଗତ ରଷ୍ଟି ଗ୍ରାମର କିଛି ମାଛ ବ୍ୟବସାୟୀ ସମସ୍ତ କଟକଣାକୁ ବେଖାତିର କରି ସପ୍ତାହେ ହେଲା ମାଛଧରା କାର୍ଯ୍ୟ କରୁଥିଲେ। ଏପରିକି ଶତାଧିକ ମହିଳା ପୁରୁଷ ଏକାଠି ହେଉଥିବା ବେଳେ କୌଣସି ଜଣେ ବି ମାସ୍କ ପରିଧାନ କରୁ ନ ଥିବାବେଳେ କେହି ସାମାଜିକ ଦୂରତ୍ୱ ରକ୍ଷା କରୁ ନ ଥିଲେ। ଏହା ଦ୍ୱାରା ରଷ୍ଟି ଗ୍ରାମରେ କରୋନା ଭୟାବହ ରୂପ ଧାରଣ କରିବାର ଆଶଙ୍କା ସୃଷ୍ଟି ହୋଇଥିବାବେଳେ ଅନେକ ଗ୍ରାମବାସୀ ଭୟଭୀତ ହୋଇ ପଡ଼ିଥିଲେ। ତାଛଡା କରୋନା କଟକଣାର ଏଭଳି ଖୋଲା ଉଲ୍ଲଂଘନ ସତ୍ତ୍ୱେ ସ୍ଥାନୀୟ ପୋଲିସ ପ୍ରଶାସନର ନୀରବତା ମଧ୍ୟ ଗ୍ରାମବାସୀଙ୍କୁ ଚକିତ କରିଥିଲା। ତେଣୁ ସାଧାରଣ ଜନତାଙ୍କ ଜୀବନର ମୂଲ୍ୟକୁ ଗୁରୁତ୍ୱ ଦେଇ ଜିଲା ପୋଲିସ ଓ ପ୍ରଶାସନ ମାଛଧରାକୁ ଅବିଳମ୍ବେ ବନ୍ଦ କରିବା ସହିତ ମାଛ ବ୍ୟବସାୟୀମାନଙ୍କୁ ଗିରଫ କରିବା ପାଇଁ ରଷ୍ଟି ଗ୍ରାମର ଅନେକ ସଚେତନ ମହିଳା ଓ ପୁରୁଷ ଗଣମାଧ୍ୟମ ଜରିଆରେ ଦାବି କରିଥିଲେ।

## ମୋରମ ଚାଲାଣ: କାର୍ଯ୍ୟାନୁଷ୍ଠାନ ଗ୍ରହଣ କଲା ପ୍ରଶାସନ

**କୁତ୍ରା, ୧୬ା୫(ଡି.ଏନ.ଏ.)**

ସୁନ୍ଦରଗଡ଼ ଜିଲା କୁତ୍ରା ତହସିଲ ଅଞ୍ଚଳରୁ ମୋରମ ଚାଲାଣ ବୃଦ୍ଧି ପାଉଛି। ଏନେଇ ଖବର ପ୍ରକାଶିତ ହେବା ପରେ ପ୍ରଶାସନ ପକ୍ଷରୁ କାର୍ଯ୍ୟାନୁଷ୍ଠାନ ଆରମ୍ଭ ହୋଇଛି। କରୋନା କାଳର ସୁବିଧାକୁ ନେଇ କୁତ୍ରା ତହସିଲ ଅଧୀନ କୁତ୍ରା ରାଜସ୍ୱ ଅଞ୍ଚଳର ସିଆଲଜୋର ଗ୍ରାମରୁ କିଛିଦିନ ଧରି ବ୍ୟାପକ ପରିମାଣର ମୋରମ ଉତ୍ତୋଳିତ ହୋଇ ଭାରିଯାନରେ ସମ୍ବଲପୁର ଜିଲାର ସଗ୍ରା ଅଞ୍ଚଳକୁ ଚାଲାଣ ହେଉଥିଲା। ଏନେଇ ଖବର ପ୍ରକାଶିତ ହେବା ପରେ ପ୍ରଶାସନ ତତ୍ପରତାର ସହିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛି। କୁତ୍ରା ତହସିଲଦାର ରବୀନ୍ଦ୍ର କୁମାର ସେଠୀଙ୍କ ନେତୃତ୍ୱରେ ରାଜସ୍ୱ ନିରୀକ୍ଷକ ଓ ଅନ୍ୟ ତହସିଲ କର୍ମଚାରୀ ଘଟଣାସ୍ଥଳକୁ ଯାଇ ତଦନ୍ତ ଓ କାର୍ଯ୍ୟାନୁଷ୍ଠାନ ସ୍ୱରୂପ ୧ଲକ୍ଷ ୧୦ ହଜାର ଟଙ୍କା ଆଦାୟ କରିଛନ୍ତି। ଆବଶ୍ୟକ କାଗଜପତ୍ର ପ୍ରସ୍ତୁତ ନ କରିବା ପର୍ଯ୍ୟନ୍ତ ମୋରମ ଉଠାଣକୁ ବନ୍ଦ ରଖିବାକୁ ନିର୍ଦ୍ଦେଶ ଦେଇଛନ୍ତି। ପ୍ରଶାସନର ବିଳମ୍ବିତ ପଦକ୍ଷେପକୁ ସାଧାରଣରେ ସ୍ୱାଗତ କରାଯାଇଥିଲେ ମଧ୍ୟ ବିଳମ୍ବିତ ପଦକ୍ଷେପକୁ ସମାଲୋଚନା କରାଯାଇଛି। ଅନ୍ୟପକ୍ଷରେ ବିଳମ୍ବିତ ରାତିରେ ବ୍ଲକର ୩ପ୍ରମୁଖ ବାଲିଘାଟ ଲକ୍ଷ୍ମୀପୋଷ,ତରକେରା,ଉଡ଼ରୁମାରୁ ନିୟମିତ ଭାବରେ ଖତକୁରବାହଲ ଅଞ୍ଚଳର କେତେଜଣ ବାଲି ବ୍ୟବସାୟୀ ବାଲି ଚାଲାଣ କରୁଥିବା ବିଷୟ ଖବର ପ୍ରକାଶିତ ହେବା ସତ୍ତ୍ୱେ ବଡଧରଣର ପଦକ୍ଷେପ ନ ହେବା ଯୋଗୁ ରାଜସ୍ୱ ହାନୀ ଘଟୁଛି। ପ୍ରଶାସନ ଏଦିଗରେ ଧ୍ୟାନଦେଇ ପଦକ୍ଷେପ ନେବା ଆବଶ୍ୟକ ବୋଲି ବୁଦ୍ଧିଜୀବୀ ଜନସାଧାରଣ ମତ ଦେଇଛନ୍ତି।



ମୋରମ ଚାଲାଣ କରାଯାଉଛି।

## ଦେବଗଡ଼ ଜିଲାରେ କରୋନାର ସଫଳ ମୁକାବିଲା ପାଇଁ ଆର୍ଥିକ ସହାୟତା ଦାବି

**ମୁଖ୍ୟମନ୍ତ୍ରୀଙ୍କୁ ଚିଠି ଲେଖିଲେ ଜିଲା ବିଜେଡି ସଭାପତି**



ରୋମାଞ୍ଚ ରଞ୍ଜନ ବିଶ୍ୱାଳ।

**ଦେବଗଡ଼,୧୬ା୫(ଡି.ଏନ.ଏ)**

ଅନ୍ୟ ଜିଲା ଭଳି ଦେବଗଡ଼ ଜିଲାର ବିଭିନ୍ନ ଅଞ୍ଚଳରେ କରୋନାର ଦ୍ୱିତୀୟ ଲହରୀ ବୃଦ୍ଧି ପାଇବାରେ ଲାଗିଛି। ଏହି କ୍ରମରେ ଜିଲାରେ ସଂକ୍ରମିତଙ୍କ ସଂଖ୍ୟା ମଧ୍ୟ ବୃଦ୍ଧି ପାଇବା ସହ ଜିଲାର କୋଭିଡ ଗ୍ରାଫ ଉପରମୁହାଁ ହୋଇରହୁଛି । ଏଣୁ ଏଭଳି ମହାମାରୀ ସମୟରେ ଦେବଗଡ ଜିଲାରେ କରୋନା ମୁକାବିଲା ଏବଂ ସୂଚାରୁ ରୂପେ କୋଭିଡ୍ ପରିଚାଳନା ନିମନ୍ତେ ଆବଶ୍ୟକ ପରିମାଣର ଆର୍ଥିକ ସହାୟତା ଯୋଗାଇବା ପାଇଁ ଦେବଗଡ଼ ଜିଲା ବିଜେଡି ସଭାପତି ରୋମାଞ୍ଚ ରଞ୍ଜନ ବିଶ୍ୱାଳ ରାଜ୍ୟ ସରକାରଙ୍କ ନିକଟରେ ଦାବି କରିଛନ୍ତି। ଜିଲା ବିଜେଡି ସଭାପତି ବିଶ୍ୱାଳ ଓଡିଶାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ପତ୍ର ଲେଖି ଏହି ଦାବି ଜଣାଇଥିବା ସୂଚନା ମିଳିଛି।

## ଅବକାରୀ ବିଭାଗ ଚଢ଼ାଉ: ୪ଗିରଫ



ଅବକାରୀ ବିଭାଗ କର୍ମଚାରୀଙ୍କ ସହିତ ଗିରଫ ୪ ଅଭିଯୁକ୍ତ।

**ଲହୁଣୀପଡ଼ା,୧୬ା୫(ଡି.ଏନ.ଏ.)**

ସୁନ୍ଦରଗଡ଼ ଜିଲା ବଣାଇ ଅବକାରୀ ବିଭାଗ ପକ୍ଷରୁ ବିଭିନ୍ନ ସ୍ଥାନରେ ଚଢ଼ାଉ କରାଯାଇଛି। ବିପୁଳ ପରିମାଣର ବିଦେଶୀ ଓ ଦେଶୀ ମଦ ଜବତ ସହିତ ୪ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଛି। ବେନିୟମ ମଦ କାରବାର କରୁଥିବା ଅଭିଯୋଗରେ ଅବକାରୀ ବିଭାଗ ପକ୍ଷରୁ ଚଢ଼ାଉ କରି ବଣାଇ ଥାନା ଅନ୍ତର୍ଗତ ଜମକେଇ ଗ୍ରାମର ବିଦ୍ୟାଧର ପଲେଇ(୪୫), ବଡ଼ଗୋଗୁଆ ଗ୍ରାମର ଭଗବାନ ବିଶ୍ୱାଳ(୬୩), ଲହୁଣୀପଡ଼ା ଥାନା ଅନ୍ତର୍ଗତ ତାଳବାହାଲି ଗ୍ରାମର ରାମ ଭୂମିଜ(୨୯), ଚନ୍ଦିପୋଷ ଅଞ୍ଚଳର ରାହୁଲ କୁମାର ସାହୁଙ୍କଠାରୁ ମଦ ଜବତ କରିବା ସହିତ ଚାରିଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଏହି ଚଢ଼ାଉ ବଣାଇ ଓ ଲହୁଣୀପଡ଼ା ଅବକାରୀ ବିଭାଗର ଅଧିକାରୀ ଶ୍ରୀକାନ୍ତ କୁମାର ପଟ୍ଟନାୟକ, ବଣାଇ ଅବକାରୀ ଏଏସ୍‌ଆଇ ଅବଦୁଲ ଅନୱର, ବିକାଶ ରଞ୍ଜନ ମାହାନ୍ତ, ସୁରୁ ଓରାମ, ବିବେକାନନ୍ଦ ସୁତାର, କୁମାରୀ ପ୍ରଧାନ, ରଜନୀ, ଘନଶ୍ୟାମ ମାହାନ୍ତ, ରିପା ପାତ୍ର, ମମତା ମହାନ୍ତ ପ୍ରମୁଖ ଚଢ଼ାଉରେ ସାମିଲ ହୋଇଥିଲେ।

## ରାଜା ସାର୍ ବାସୁଦେବ ସୁଢଳଦେବଙ୍କ ଜୟନ୍ତୀ ପାଳିତ

**ଦେବଗଡ, ୧୬ା୫(ଡି.ଏନ.ଏ)**

ଦେବଗଡ ଜିଲାର ଅଗ୍ରଣୀ ସାହିତ୍ୟାନୁଷ୍ଠାନ ଶ୍ରୀ ଜଗନ୍ନାଥ ସାହିତ୍ୟ ସଂସଦ ନାଟ୍ୟ ପକ୍ଷରୁ ରବିବାର ବାମଣ୍ଡାର ବିକ୍ରମାଦିତ୍ୟ ରାଜା ସାର ବାସୁଦେବ ସୁଢଳଦେବ (କେ.ସି.ଆଇ.ଇ.)ଙ୍କର ଜୟନ୍ତୀ ଉତ୍ସବ ପାଳିତ ହୋଇଯାଇଛି । ଏହି ଉପଲକ୍ଷେ ଶ୍ରୀ ଜଗନ୍ନାଥ ସାହିତ୍ୟ ସଂସଦର ଉପ ସଭାପତି ନିରଞ୍ଜନ ଦ୍ୱିବେଦୀ, ଉପଦେଷ୍ଟା ସୁଧିର କୁମାର ଦ୍ୱିବେଦୀ, ଯୁଗ୍ମ ସମ୍ପାଦକ ତଥା ଓଡିଶା ସାହିତ୍ୟ ଏକାଡେମୀର ସଦସ୍ୟ ଡକ୍ଟର ଭାରତ ଭୂଷଣ ନନ୍ଦ, ଅଧ୍ୟାପକ ଡକ୍ଟର ସନ୍ତୋଷ କୁମାର ଦେବତା, ବିଜୟ କୁମାର ଶତପଥି, ପ୍ରକାଶ କୁମାର ଦେବତା ଓ ପ୍ରାଣବନ୍ଧୁ ଘଡେଇ ଓ ଫକୀର ମୋହନ ପ୍ରଧାନଙ୍କ ସମେତ ବହୁ ଜନସାଧାରଣ ସ୍ଥାନୀୟ ରାଜ ପ୍ରସାଦ ସମ୍ମୁଖସ୍ଥ ରାଜା ସାର ସୁଢଳଦେବଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ ପୂର୍ବକ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ । କୋଭିଡ କଟକଣା କାରଣରୁ ଚଳିତ ବର୍ଷ ରାଜା ସାର ବାସୁଦେବଙ୍କ ପବିତ୍ର ଜନ୍ମଜୟନ୍ତୀ ଉତ୍ସବକୁ ନିରାଡମ୍ବର ଭାବେ ପାଳନ କରାଯିବା ସହ ପୁଷ୍ପମାଲ୍ୟ ଅର୍ପଣ ମଧ୍ୟରେ ସୀମିତ ରଖାଯାଇଥିଲା ।



ରାଜା ବାସୁଦେବ ସୁଢ଼ଳଦେବଙ୍କ ଜୟନ୍ତୀରେ ଉପସ୍ଥିତ କର୍ମକର୍ତ୍ତା।

## ଲିଗାଲ୍ ରାଇଟ୍‌ସ ପକ୍ଷରୁ ରନ୍ଧାଖାଦ୍ୟ ବିତରଣ

**ଦେବଗଡ଼,୧୬ା୫(ଡି.ଏନ.ଏ)**

ଲକ୍ ଡାଉନ ଓ ଶଟ୍‌ଡାଉନ ସମୟରେ ରାସ୍ତା କଡରେ ବୁଲାବୁଲି କରୁଥିବା ଅସହାୟ ଲୋକେ ଠିକ ଭାବେ ଖାଇବାକୁ ମୁଠେ ପାଉନାହାନ୍ତି। ଅନୁରୂପ ଭାବେ କରୋନା ସଂକ୍ରମିତମାନଙ୍କ ପରିବାର ଲୋକେ ଘରୁ ବାହାରକୁ ବାହାରି ପାରୁ ନ ଥିବା ଏବଂ ଶଟଡାଉନ ସମୟରେ ସହରରେ ହୋଟେଲଗୁଡିକ ବନ୍ଦ ରହୁଥିବାରୁ ରନ୍ଧା ଖାଦ୍ୟ ପାଇଁ ସମ୍ପୃକ୍ତ ପରିବାର ଗୁଡିକ ଅକଥନୀୟ ଦୁର୍ଦ୍ଦଶାର ସମ୍ମୁଖିନ ହେଉଛନ୍ତି। ଏହି ସମସ୍ୟାର ସମାଧାନ ପାଇଁ ସମ୍ପ୍ରତି ଲିଗାଲ ରାଇଟସ୍, ଓଡିଶା ଅଣ୍ଟା ଭିଡିଛି। ଲିଗାଲ ରାଇଟସ୍ ଓଡିଶା ଅନୁଷ୍ଠାନର ରାଜ୍ୟ ସଭାନେତ୍ରୀ ଅରୁନ୍ଧତୀ ଦେବୀଙ୍କ ନେତୃତ୍ୱରେ ଅସହାୟ ଏବଂ ଆବଶ୍ୟକ କରୁଥିବା କରୋନା ସଂକ୍ରମିତ ପରିବାରର ସଦସ୍ୟ ସଦସ୍ୟା ଏବଂ ଅନ୍ୟମାନଙ୍କୁ ଅନୁଷ୍ଠାନ ପକ୍ଷରୁ ମାଗଣାରେ ରନ୍ଧାଖାଦ୍ୟ ବିତରଣ କରାଯାଉଛି। ଏଥିପାଇଁ ଦେବଗଡ଼ ରାଜପ୍ରାସାଦରେ ରନ୍ଧା ଖାଦ୍ୟ ପ୍ରସ୍ତୁତ କରାଯାଉଥିବା ସ୍ୱେଚ୍ଛାସେବୀ ଅବିନାଶ ପ୍ରଧାନ, ଶ୍ୟାମ ଭାଇ, ଆରତୀ ଦେଇ, ସୁନିତା ଓ ଝରଣା ପ୍ରମୁଖ ଖାଦ୍ୟ ପୁଡିଆ ବିତରଣ କରୁଥିବା ଜଣାପଡିଛି। ଲିଗାଲ ରାଇଟସ୍, ଓଡିଶାର ଏଭଳି ସେବା ମନୋଭାବକୁ ଜିଲାର ବିଭିନ୍ନ ମହଲରେ ପ୍ରଶଂସା କରାଯାଉଛି।



ଅସହାୟଙ୍କୁ ରନ୍ଧାଖାଦ୍ୟ ବଣ୍ଟନ କରାଯାଉଛି।

## କାରଖାନାରେ କରୋନା ସଂକ୍ରମଣ: ଆର୍‌ଏମ୍‌ଏସ୍‌ର ଉଦ୍‌ବେଗ

**ରାଉରକେଲା ଅଫିସ,୧୬ା୫**

କରୋନା ସଂକ୍ରମଣର ଦ୍ୱିତୀୟ ଲହରୀ ରାଉରକେଲା ଇସ୍ପାତ କାରଖାନାରେ କାର୍ଯ୍ୟରତ ଶ୍ରମିକ କର୍ମଚାରୀ ଓ ସେମାନଙ୍କ ପରିବାର ବର୍ଗଙ୍କ ପାଇଁ ଭୟ, ଆଶଙ୍କା ଓ ସମ୍ଭାବ୍ୟ ବିପତ୍ତିର ବାତାବରଣ ସୃଷ୍ଟି କରିଛି। ବିଗତ ଦେଢ଼ ମାସରେ ପ୍ରାୟ ୩୦ରୁ ଊର୍ଦ୍ଧ୍ୱ ଶ୍ରମିକ କର୍ମଚାରୀ କରୋନାରେ ଆକ୍ରାନ୍ତ ହୋଇ ମୃତ୍ୟୁବରଣ କରିଥିବା ସ୍ଥଳେ ବହୁ କ୍ଷେତ୍ରରେ କର୍ମଚାରୀଙ୍କ ପରିବାରର ଅନ୍ୟ ସଦସ୍ୟ ମୃତ୍ୟୁମୁଖରେ ପଡ଼ିଛନ୍ତି। ସଂକ୍ରମଣ ଓ ମୃତ୍ୟୁହାର କ୍ରମାଗତ ଭାବରେ ବଢିଚାଲିଥିଲେ ମଧ୍ୟ ଆରୋଗ୍ୟ ହାର ନିମ୍ନଗାମୀ ହେଉଛି। ଏଭଳି ଅବସ୍ଥା କାରଖାନା କର୍ତ୍ତୃପକ୍ଷଙ୍କ କରୋନା ନିୟନ୍ତ୍ରଣ ବ୍ୟବସ୍ଥାର ତ୍ରୁଟିକୁ ଦର୍ଶାଉଛି ବୋଲି ରାଉରକେଲା ମଜଦୁର ସଭା ତରଫରୁ କୁହାଯାଇଛି। କରୋନା ସଂକ୍ରମଣକୁ ରୋକିବା ନେଇ ସ୍ଥାନୀୟ ପ୍ରଶାସନ ଓ ରାଜ୍ୟ ସରକାର ଲକ୍‌ଡାଉନ ଓ ସପ୍ତାହାନ୍ତ ଶଟ୍‌ଡାଉନ ଭଳି ବ୍ୟବସ୍ଥା ଗ୍ରହଣ କରିଥିଲେ ହେଁ ରାଉରକେଲା ଇସ୍ପାତ କାରଖାନା ମଧ୍ୟରେ ନିଜ ଜୀବନକୁ ବିପନ୍ନ କରି ଉତ୍ପାଦନ ଲକ୍ଷ୍ୟ ହାସଲ କରୁଥିବା ଓ କରୋନା ଚିକିତ୍ସାରେ ବ୍ୟବହୃତ ତରଳ ଅମ୍ଳଜାନ ଯୋଗାଣରେ ପ୍ରମୁଖ ଭୂମିକା ଗ୍ରହଣ କରୁଥିବା ଶ୍ରମିକ କର୍ମଚାରୀଙ୍କ ସୁରକ୍ଷା ନେଇ କାରଖାନା କର୍ତ୍ତୃପକ୍ଷ କରୋନା ନିୟନ୍ତ୍ରଣ ନିୟମାବଳୀକୁ କଡ଼ାକଡ଼ି ପାଳନ କରୁନାହାନ୍ତି। ନିଜର କେବଳ ଉତ୍ପାଦନ ଲକ୍ଷ୍ୟ ହାସଲକୁ ଗୁରୁତ୍ୱ ଦେଉଥିବାରୁ କାରଖାନା ମଧ୍ୟରେ ସଂକ୍ରମଣ ବୃଦ୍ଧି ପାଉଛି। କାର୍ଯ୍ୟ ସ୍ଥଳରେ ସାମାଜିକ ଦୂରତା ରକ୍ଷା କରିବା ନେଇ କର୍ତ୍ତୃପକ୍ଷ ଆଖି ବୁଜିଦେଇ ଥିବା ସ୍ଥଳେ ଶ୍ରମିକ କର୍ମଚାରୀଙ୍କୁ ମାସ୍କ, ହ୍ୟାଣ୍ଡ ସାନିଟାଇଜର ନ ଯୋଗାଇ ଏଥିନେଇ ଜରିମାନା ଆଦାୟ କରିବା ଅତ୍ୟନ୍ତ ଅଗଣତାନ୍ତ୍ରିକ ଓ ଶ୍ରମିକ ସ୍ୱାର୍ଥ ବିରୋଧୀ ଦର୍ଶାଇ ସଂକ୍ରମଣର ବ୍ୟାପକତା ଦୃଷ୍ଟିରୁ ତୁରନ୍ତ ବିହିତ ପଦକ୍ଷେପ ଗ୍ରହଣ କରିବାକୁ ୟୁନିୟନ ତରଫରୁ ଦାବି କରାଯାଇଛି। ଅନ୍ୟପକ୍ଷରେ କରୋନା ଚିକିତ୍ସା କାଳରେ ବହୁ ଶ୍ରମିକ କର୍ମଚାରୀ ଓ ସେମାନଙ୍କ ପରିବାର ବର୍ଗ ମୃତ୍ୟୁବରଣ କରୁଥିବାରୁ ଆଇଜିଏଚ୍ ଓ ନୂତନ ସୁପର ସ୍ପେସିଆଲିଟି ହସ୍ପିଟାଲରେ ଚିକିତ୍ସା ଜନିତ ଅବହେଳାକୁ ଦାୟୀ କରାଯାଇଛି। ତୁରନ୍ତ କର୍ତ୍ତୃପକ୍ଷ ଶ୍ରମିକ କର୍ମଚାରୀଙ୍କ କ୍ରମବର୍ଦ୍ଧିଷ୍ଣୁ ମୃତ୍ୟୁହାରକୁ ଗୁରୁତର ଭାବେ ଗ୍ରହଣ କରି ହସ୍ପିଟାଲର ଚିକିତ୍ସା ପଦ୍ଧତିର ସୁଧାର ଆଣିବା ଓ ଇସ୍ପାତ ଶ୍ରମିକ କର୍ମଚାରୀଙ୍କ ଟିକାକରଣ ନେଇ ଟିକା ଉତ୍ପାଦନକାରୀ ସଂସ୍ଥା ଠାରୁ ପର୍ଯ୍ୟାପ୍ତ ଟିକା ନିଜସ୍ୱ ଖର୍ଚ୍ଚରେ ସଂଗ୍ରହ କରି ଏକ ନିର୍ଦ୍ଦିଷ୍ଟ ସମୟସୀମା ମଧ୍ୟରେ ସମସ୍ତ ଶ୍ରମିକ କର୍ମଚାରୀ ଓ ସେମାନଙ୍କ ପରିବାର ବର୍ଗ ତଥା ଠିକା ଶ୍ରମିକଙ୍କୁ ଟିକା ପ୍ରଦାନ କରିବାକୁ ଦୃଢ଼ ଦାବି କରାଯାଇଛି। ତତ୍‌ସହିତ କର୍ମଚାରୀଙ୍କ କରୋନା ଜନୀତ ମୃତ୍ୟୁରେ ମୃତକଙ୍କ ପରିବାରର ଜଣେ ସଦସ୍ୟଙ୍କୁ ଅନୁକମ୍ପାମୂଳକ ଚାକିରୀ ସହ ପର୍ଯ୍ୟାପ୍ତ କ୍ଷତିପୂରଣ ରାଶି ପ୍ରଦାନ ନେଇ ଦୀର୍ଘ ଦିନର ଦାବିକୁ ଉପେକ୍ଷା କରିବା ନୀତିରୁ କର୍ତ୍ତୃପକ୍ଷ ଓହରି ଯାଇ ମୃତ ଶ୍ରମିକଙ୍କ ପରିବାରର ଥଇଥାନ ନେଇ ତୁରନ୍ତ ନିଷ୍ପତ୍ତି ଗ୍ରହଣ କରିବାକୁ ସାଧାରଣ ସମ୍ପାଦକ ଶଶଧର ନାୟକ ପତ୍ର ସଂଖ୍ୟା ଆର୍‌ଏମ୍‌ଏସ୍ /୪୪ / ୨୦୨୧/ ୩୫ ତା ୧୪/୫/୨୦୨୧ ମାଧ୍ୟମରେ ଦୃଢ଼ ଦାବି କରିବା ସଙ୍ଗେ ସଙ୍ଗେ ଏଥିନେଇ କର୍ତ୍ତୃପକ୍ଷ ଟାଳଟୁଳ ନୀତି ଗ୍ରହଣ କଲେ ବ୍ୟାପକ ଶ୍ରମିକ ଅଶାନ୍ତି ଦେଖାଦେବା ସହ କାରଖାନାର ଉତ୍ପାଦନ ଓ ଉତ୍ପାଦକତା ବୃଦ୍ଧିରେ ଅନ୍ତରାୟ ସୃଷ୍ଟି କରିବ ବୋଲି ୟୁନିୟନ ପକ୍ଷରୁ କର୍ତ୍ତୃପକ୍ଷଙ୍କୁ ସତର୍କ କରିଦିଆଯାଇଛି।

ଧରିତ୍ରୀ
DHARITRI
ସମ୍ବଲପୁର, ସୋମବାର, ୧୭ ମେ, ୨୦୨୧

**ବୀରମହାରାଜପୁରଃ ଆଉ ୨ଆକ୍ରାନ୍ତଙ୍କ ମୃତ୍ୟୁ**

ଅମରପାଲି,(ଡି.ଏନ.ଏ.): ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ଅଞ୍ଚଳରେ ଶନିବାର ରାତିରେ ପୁଣି ଦୁଇଜଣ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ ଘଟିଛି। ମୃତକ ଦୁଇଜଣ ହେଲେ ମୁର୍ଷୁଣ୍ଡୀ ପଞ୍ଚାୟତ ଯୁଧିଷ୍ଠିରପୁର ଗ୍ରାମର ଜଣେ ୫୦ବର୍ଷୀୟା ମହିଳା ଓ ଅନ୍ୟ ଜଣେ ହେଲେ ବହଳପଦର ପଞ୍ଚାୟତ ଗୌଡଗାଡ଼ ଗ୍ରାମର ଜଣେ ୫୨ବର୍ଷୀୟ ପୁରୁଷ। ଉଭୟ ଗୁରୁତର ଅବସ୍ଥାରେ ବୁର୍ଲା କୋଭିଡ ଡାକ୍ତରଖାନାରେ ଚିକିତ୍ସାଧୀନ ଥିଲେ। ବୀରମହାରାଜପୁର ଅଞ୍ଚଳରେ ଏହି ଦୁଇଜଣଙ୍କୁ ମିଶାଇ ସମୁଦାୟ ୧୧ଜଣ କରୋନା ଆକ୍ରାନ୍ତରେ ଥାଇ ମୃତ୍ୟୁ ହୋଇଛି।



## ସଂକ୍ଷେପରେ

### ମରଣାନ୍ତକ ଆକ୍ରମଣ, ଜଣେ ଗିରଫ

ସୋନପୁର,୧୬।୫(ନି.ପ୍ର.): ସୁବର୍ଣ୍ଣପୁର ଜିଲା ଲଛିପୁର ଫାଣ୍ଡି ଅନ୍ତର୍ଗତ ଗୋବିନ୍ଦପୁର ଗାଁରେ ପ୍ରମୋଦ କୁମ୍ଭାର(୨୮)ଙ୍କୁ ମରଣାନ୍ତକ ଆକ୍ରମଣ ହୋଇଛି। ତାଙ୍କୁ ବୁର୍ଲା ସ୍ଥାନାନ୍ତର କରାଯାଇଛି। ପ୍ରମୋଦଙ୍କ ମା କୁନ୍ତଳାଙ୍କ ଅଭିଯୋଗକ୍ରମେ ଡୁଙ୍ଗୁରିପାଲି ଥାନା ପୋଲିସ ମୁକେଶ ବଗର୍ତ୍ତି(୨୨)ଙ୍କୁ ଗିରଫ କରି ରବିବାର କୋର୍ଟଚାଲାଣ କରିଛି। ଗୋବିନ୍ଦପୁର ଗ୍ରାମର ମୁକେଶ ନିକଟସ୍ଥ ଆମ୍ବତୋଟାକୁ ଆମ୍ବ ତୋଳିବାକୁ ଯାଇଥିଲେ। ଏହି ସମୟରେ ପ୍ରମୋଦ ସେଠାରେ ପହଞ୍ଚିଥିଲେ। ଆମ୍ବ ତୋଳିବାକୁ ନେଇ ଉଭୟଙ୍କ ମଧ୍ୟରେ କଥା କଟାକଟି ହୋଇଥିଲା। ମୁକେଶ ଏକ ଧାରୁଆ ଅସ୍ତ୍ରରେ ପ୍ରମୋଦଙ୍କୁ ଆକ୍ରମଣ କରିଥିଲେ।

### ପୂର୍ବତନ ସରପଞ୍ଚଙ୍କ ପରଲୋକ

ବଲାଙ୍ଗୀର ଅଫିସ, ୧୬।୫: ବଲାଙ୍ଗୀର ଜିଲା ଚନ୍ଦନଭାଟି ପଞ୍ଚାୟତର ପୂର୍ବତନ



ସରପଞ୍ଚ ବେଣୁଧର ପାଣିଗ୍ରାହୀ (୯୮)ଙ୍କ ପରଲୋକ ଘଟିଛି। ବାର୍ଦ୍ଧକ୍ୟଜନିତ ଅସୁସ୍ଥତା କାରଣରୁ ଭୀମ ଭୋଇ ମେଡିକାଲ କଲେଜ ଡାକ୍ତରଖାନାରେ ସେ ଚିକିତ୍ସିତ ହେଉଥିଲେ। ରବିବାର ବିଜାଖମନ ଶ୍ମଶାନରେ ଶେଷକୃତ୍ୟ ସମ୍ପନ୍ନ ହୋଇଛି। ବେଣୁଧରଙ୍କ ପୁଅ ନବୀନ ମୁଖାଗ୍ନି ଦେଇଥିଲେ। ସ୍ୱର୍ଗତ ବେଣୁଧରଙ୍କ ୮ ପୁଅ ଓ ୨ ଝିଅ ଥିବାବେଳେ ୨ପୁଅଙ୍କ ପୂର୍ବରୁ ପରଲୋକ ହୋଇଯାଇଛି। ପତ୍ନୀ ବିନୋଦିନୀଙ୍କ ମଧ୍ୟ ପୂର୍ବରୁ ମୃତ୍ୟୁ ହୋଇସାରିଛି। ବେଣୁଧର ଚନ୍ଦନଭାଟି ପଞ୍ଚାୟତରେ ଲଗାତାର ୨୫ବର୍ଷ ଧରି ସରପଞ୍ଚ ରହି ବିକାଶମୂଳକ କାର୍ଯ୍ୟକରିଥିଲେ।।

# ପିଆଜ ଚାଷୀ ଶୋଷଣର ଶିକାର

ଗୋଲାମୁଣ୍ଡା, ୧୬।୫ (ଡି.ଏନ.ଏ.)

କଳାହାଣ୍ଡି ଜିଲା ଗୋଲାମୁଣ୍ଡା ବ୍ଲକର ଅନେକ ଚାଷୀ ପିଆଜ ଚାଷ କରି ନିଜର ଗୁଜରାଣ ମେଣ୍ଟାଇଥାନ୍ତି। ହେଲେ ସଂରକ୍ଷଣ ବ୍ୟବସ୍ଥା ନ ଥିବାରୁ ଚାଷୀ କମ୍‌ଦରରେ ଦଲାଲମାନଙ୍କୁ କଷ୍ଟୋପାର୍ଜିତ ଫସଲକୁ ବିକ୍ରି କରୁଛନ୍ତି। ସ୍ଥାନୀୟ ଅଞ୍ଚଳରେ ପିଆଜ ବସ୍ତା ପ୍ରତି ୪୦୦ରୁ ୪୫୦ ଟଙ୍କାରେ ବିକ୍ରି ହେଉଛି। ଏଥିନିମନ୍ତେ କୌଣସି ବଜାର ଓ ଦର ଧାର୍ଯ୍ୟ ହୋଇ ନ ଥିବାରୁ ଚାଷୀମାନେ ଉଚିତ ମୂଲ୍ୟ ପାଉ ନ ଥିବା ଅଭିଯୋଗ ଆସୁଛି। ଫଳରେ ଦୈନନ୍ଦିନ ଖର୍ଚ୍ଚ ପାଇଁ ଅର୍ଥର ଜରୁରୀ ଥିବା ଯୋଗୁ ମଧ୍ୟସ୍ଥମାନଙ୍କୁ ବାଧ ହୋଇ ବିକ୍ରି କରୁଥିବା ଚାଷୀମାନେ ପ୍ରକାଶ କରିଛନ୍ତି।

ଚଳିତ ବର୍ଷ ଅନୁକୂଳ ପାଗ ଯୋଗୁ ପିଆଜ ଫସଲ ଭଲ ହୋଇଥିଲା। ହେଲେ ଅଦିନିଆ ବର୍ଷା କିଆରିରେ ଜମି ରହିବାରେ ପିଆଜ ଫସଲ ନଷ୍ଟ ହୋଇଯାଇଛି। ଯାହା ବି ଉତ୍ପାଦନ ହୋଇଛି ତାହାକୁ ସଂରକ୍ଷିତ କରି ରଖିବା ସୁବିଧା ନ ଥିବାରୁ ଚାଷୀମାନେ ଚିନ୍ତାରେ ପଡିଛନ୍ତି। ଗୋଲାମୁଣ୍ଡା ବ୍ଲକ ଅନ୍ତର୍ଗତ ୨୮ପଞ୍ଚାୟତର ପିଆଜ ଚାଷୀଙ୍କ ପାଇଁ ଜାତୀୟ ଉଦ୍ୟାନ ମିଶନ ଜରିଆରେ ଶୀତଳ ଭଣ୍ଡାର ଏବଂ ଗୋଦାମ ଗୃହ ନିର୍ମାଣ ବ୍ୟବସ୍ଥା କରିବାକୁ ଚାଷୀମାନେ ଦାବି କରିଛନ୍ତି। ଗୋଲାମୁଣ୍ଡା ଉଦ୍ୟାନ ବିଭାଗ ଅଧିକାରୀ ଅଙ୍ଗଦ କୁମାର ନାଏକଙ୍କୁ ପଚାରିବାରୁ ଏବର୍ଷ ୮ଜଣ ଚାଷୀ ପିଆଜ ଗୋଦାମ୍ ପାଇଁ ଆବେଦନ କରିଥିଲେ। ସମସ୍ତଙ୍କୁ ଗୋଦାମ ଗୃହ ନିର୍ମାଣ କରିବାକୁ କାର୍ଯ୍ୟାଦେଶ ଦିଆଯାଇଛି। ଶୀତଳ ଭଣ୍ଡାରର ବ୍ୟବସ୍ଥା କରିବା ଆମର କ୍ଷମତା ବାହାରେ ବୋଲି ସେ କହିଥିଲେ।

ରିପୋର୍ଟ: ବଟକୃଷ୍ଣ ପଣ୍ଡା, ଗୋଲାମୁଣ୍ଡା।

**ଚାଷୀମାନେ ଯାହା କୁହନ୍ତି...**



"ବର୍ଷବର୍ଷ ଧରି ପିଆଜ ଓ ଅନ୍ୟାନ୍ୟ ପନିପରିବା ଫସଲ କରି ଆସୁଛି। ହେଲେ ଆଜିଯାଏ ଆମ ବଗିଚା କିମ୍ବା ପିଆଜ ଗୃହ ନିର୍ମାଣ ପାଇଁ ସହାୟତା ମିଳିନାହିଁ।

ଭାଗୀରଥି ନାଏକ, ଡୁଡୁକେଲ



"ନାନା ସମସ୍ୟା ମଧ୍ୟରେ ପିଆଜ ଚାଷ କରୁଛୁ। ହେଲେ ବଜାର ସୁବିଧା ନ ଥିବାରୁ ବିକ୍ରି କରିବା କଠିନ ହେଉଛି। ବସ୍ତାପ୍ରତି ୪୦୦ରୁ ୫୦୦ ଟଙ୍କାରେ ବିକ୍ରି କରିବାକୁ ବାଧ ହେଉଛୁ।

ଜୟନ୍ତ ମାଝି, ଖସିଗୁଡା



"ପିଆଜ ଚାଷୀଙ୍କ ପାଇଁ ଥିବା ସରକାରୀ ସୁବିଧା ପାଇ ପାରୁନାହୁଁ। ତଳସ୍ତରର ସରକାରୀ ଅଧିକାରୀ ସୁବିଧା ସୁଯୋଗକୁ ବାଟମାରଣା କରୁଛନ୍ତି। ପ୍ରକୃତ ଚାଷୀ ସରକାରଙ୍କ ସୁବିଧାରୁ ବଞ୍ଚିତ ରହୁଛି।

ସୁଦାମ ଚରଣ ପଣ୍ଡା, ତୁମୁରା

**ଗୋଲାମୁଣ୍ଡା ବ୍ଲକ**

- ମିଳୁନି ଉଚିତ୍ ମୂଲ୍ୟ, ଦଲାଲ ମାଲାମାଲ
- ଶୀତଳ ଭଣ୍ଡାର, ଗୋଦାମ ଗୃହ ନିର୍ମାଣ ଦାବି

# ଅମଳ ପୂର୍ବରୁ ବିଲରେ ଗଜା, ଚିନ୍ତାରେ ଚାଷୀ

ଖଡ଼ିଆଳ, ୧୬।୫ (ଡି.ଏନ.ଏ.)

ନୂଆପଡ଼ା ଜିଲା ଖଡ଼ିଆଳ ବ୍ଲକ ଡୁକଲା ଗ୍ରାମରେ ଅଦିନିଆ ବର୍ଷାରେ ଧାନ ଗଜା ହୋଇଛି। ରବିଧାନ ଫସଲ ଅମଳ ପୂର୍ବରୁ ବିଲରେ ଗଜା ହୋଇଯାଇଛି। ଫଳରେ ଚାଷୀ ସେହି ଧାନକୁ ସଂଗ୍ରହ କରୁଥିବା ବେଳେ ପ୍ରାକୃତିକ ବିପର୍ଯ୍ୟୟ ଏବଂ ଦୈବଦୁର୍ବିପାକ କାରଣରୁ କୃଷକ ପ୍ରଭାବିତ ହୋଇଛନ୍ତି। କଷ୍ଟ ଉପାର୍ଜିତ ଫସଲକୁ ନଷ୍ଟ ହେବା ଦେଖି ଚାଷୀ ମୁଣ୍ଡରେ ହାତ ଦେଇ ବସିଛି। ସେହିପରି ଗତବର୍ଷର କ୍ଷତିପୂରଣ ରାଶି ବର୍ତ୍ତମାନ ପର୍ଯ୍ୟନ୍ତ ପାଇନାହାନ୍ତି। ଚାଷୀଙ୍କ କ୍ଷତିପୂରଣ ରାଶି ସରକାରଙ୍କଠାରେ ବକେୟା ରହିଛି। ଏପରିସ୍ଥଳେ ଚାଷୀଙ୍କ ଚଳିତ ରବି ଫସଲ ମଧ୍ୟ ନଷ୍ଟ ହେବାରେ ଲାଗିଛି। ଯାହାକୁ ନେଇ ଚାଷୀ ମହଲରେ ଚହଳ ପଡିଛି। ଜିଲାରେ ରବିଧାନ ଅମଳ ଅନ୍ତିମ ପର୍ଯ୍ୟାୟରେ ପହଞ୍ଚି ଥିବାବେଳେ ଡୁକଲା ଗ୍ରାମର ଚାଷୀ ପରେଶ ଦାସ, ବଳ ଦଳ, ଯୁଧିଷ୍ଠିର ଦଳ, ସରୋଜ ଦାସ, ରବି ଶଙ୍କର ଦାଶ, ଅନୁ ଦଳ, ଅନନ୍ତ ରାମ ମେହେର, ପୀତାମ୍ବର ଦାସ, ଚନ୍ଦ୍ରମଣି ଦଳଙ୍କ ଜମିରେ ଧାନ ଗଜା ହୋଇଛି। ଜିଲା କୃଷି ବିଭାଗ ଏହାର ଉପଯୁକ୍ତ ତଥ୍ୟ ସଂଗ୍ରହ କରି କ୍ଷତିପୂରଣ ଆକଳନ କରି କ୍ଷତିପୂରଣ ରାଶି ପ୍ରଦାନ ପାଇଁ ଜିଲା କୃଷକ ଶକ୍ତି ସଂଗଠନ ଦାବି କରୁଛି।

# ପ୍ରଶାସନ ପକ୍ଷରୁ ୨୮ ହଜାର ଜରିମାନା ଆଦାୟ

ବୌଦ୍ଧ,୧୬।୫(ସ୍ୱ.ପ୍ର.)

ବୌଦ୍ଧ ଜିଲାରେ କରୋନା ସଂକ୍ରମଣ ବୃଦ୍ଧି ପାଇ ଚାଲିଥିବା ବେଳେ କିଛି ଅମାନିଆ ଓ ବ୍ୟବସାୟୀ କଟକଣା ମାନୁନାହାନ୍ତି। ରବିବାର ସାପ୍ତାହାନ୍ତ ଶଟଡାଉନ ଥିବା ବେଳେ ପ୍ରଶାସନ ପକ୍ଷରୁ ହରଭଙ୍ଗା ବ୍ଲକର ବିଭିନ୍ନ ସ୍ଥାନରେ ଚଢାଉ କରାଯାଇ ୨୮ ହଜାର ଟଙ୍କା ଜରିମାନା ଆଦାୟ ହୋଇଛି। ଉପ ଜିଲାପାଳ ଅଶ୍ୱନୀ ମେହେର, ହରଭଙ୍ଗା ତହସିଲଦାର ଶମ୍ଭୁ ଭୂଷଣ ମିଶ୍ର, ଅତିରିକ୍ତ ତହସିଲଦାର ହରିଓମ୍ ଭୋଇ ଓ ପୋଲିସ ମିଳିତ ଭାବେ ଚଢାଉ କରିଥିଲେ। ଡୁକୁଲୁଣ୍ଡା, କରଞ୍ଜାକଟା, ତିଲେଶ୍ୱର, ସାମ୍ଭୋଟ, ଶ୍ୟାମସୁନ୍ଦରପୁର ଓ ଚାରିଛକ ବଜାରରେ କେତେଜଣ ବ୍ୟବସାୟୀ ଦେକାନ ଖୋଲି ବେପାର କରୁଥିଲେ।

# ଆମ୍ବୁଲାନ୍ସ ଚାଳକଙ୍କୁ ସମ୍ବର୍ଦ୍ଧନା




ବଲାଙ୍ଗୀର ଯାଦବ ଭବନଠାରେ ଆମ୍ବୁଲାନ୍ସ ଡ୍ରାଇଭରମାନଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।

ବଲାଙ୍ଗୀର ଅଫିସ, ୧୬।୫

କରୋନା ମହାମାରୀ ଗ୍ରାମାଞ୍ଚଳରୁ ସହରାଞ୍ଚଳ ସବୁଠୁ ତାର କରାଳ ରୂପ ଦେଖାଇଛି। ଏଭଳି ସମୟରେ ସବୁଠୁ ବଡ ସମ୍ମୁଖ କରୋନା ଯୋଦ୍ଧା ଭାବେ ଦିନରାତି କର୍ତ୍ତବ୍ୟନିଷ୍ଠ ହୋଇ ଅନ୍ୟମାନଙ୍କ ପାଇଁ ପ୍ରେରଣା ସାଜିଛନ୍ତି ଆମ୍ବୁଲାନ୍ସ ଡ୍ରାଇଭର। ଅସ୍ଥାୟୀ ଚାକିରି ଓ ସ୍ୱଳ୍ପ ଦରମାରେ ରହି ମଧ୍ୟ ସେମାନେ ମାନବିକତାର ମହାନ ସେବାକାରୀ ଭାବେ ଅନ୍ୟକୁ ସେବା ଯୋଗାଇ ଆସୁଛନ୍ତି। ଏଭଳି କେତେକ ସେବାକାରୀ ଆମ୍ବୁଲାନ୍ସ ଡ୍ରାଇଭରଙ୍କୁ ବଲାଙ୍ଗୀର ଯାଦବ ସମାଜ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଛି। ରବିବାର ଯାଦବ ଭବନଠାରେ କେତେକ ଆମ୍ବୁଲାନ୍ସ ଡ୍ରାଇଭରଙ୍କୁ ପିପିଇ କିଟ୍, ପୁଷ୍ପଗୁଚ୍ଛ, ଉପଢ଼ୌକନ ଦେଇ ସମ୍ବର୍ଦ୍ଧିତ କରାଯାଇଛି। ୨୦୧୦ ମସିହାରୁ ଆମ୍ବୁଲାନ୍ସ ଡ୍ରାଇଭରଭାବେ ରୋଗୀସେବା ଯୋଗାଇ ଆସୁଥିବା ବଲାଙ୍ଗୀରର ଦିଗାମ୍ବର ମାଝି, ଟିଟିଲାଗଡ ସବ୍‌ଡିଭିଜନର ଶମ୍ଭୁ ପ୍ରସାଦ ପଧାନ, ପ୍ରଦ୍ୟୁମ୍ନ କୁମାର ତ୍ରିପାଠୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ପୌରାଞ୍ଚଳ ଯାଦବ ସମାଜ ସଭାପତି ପଙ୍କଜ ସେଲମା ଏବଂ ପ୍ରଶାନ୍ତ ମହାକୁରଙ୍କ ନେତୃତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ବଲାଙ୍ଗୀର ୟୁଥ୍ ଆକ୍ସନ କମିଟି ସଭାପତି ବିନୋଦ କାଲସାଏ, ମାହେଶ୍ୱରୀ ସଙ୍ଗଠନର ଅଙ୍କୁଶ ପାଣ୍ଡିଆ, ରେଡକ୍ରସ ସୋସାଇଟିର ରଞ୍ଜିତ ମିଶ୍ର, ଘାସିରାମ ଦୀପ, ଆକୁଳ ବଗର୍ତ୍ତି, ସାନ ଜାଲ, ସନ୍ଦୀପ ବାଗ ଉପସ୍ଥିତ ଥିଲେ।

## ୱାର୍ଲ୍ଡ ହାଇପରଟେନ୍‌ସନ ଡେ’

# କରୋନା ଓ ଉଚ୍ଚ ରକ୍ତଚାପ

ଏବେ କରୋନାର ଦ୍ୱିତୀୟ ଲହର ଯୋଗୁ ଦେଶରେ ଭିନ୍ନ ପରିସ୍ଥିତି ସୃଷ୍ଟି ହୋଇଛି। ତେବେ ନୀରବ ଘାତକ ଭାବେ ଆଖ୍ୟାୟିତ ଉଚ୍ଚ ରକ୍ତଚାପ ବି କରୋନା ସଂକ୍ରମଣ ଆଶଙ୍କାକୁ ବଢାଉଛି। ଡାଇବେଟିସ୍, ହୃଦ୍‌ରୋଗ, କିଡ୍‌ନୀ, ମେଦବହୁଳ, ଦୀର୍ଘକାଳିକ ଶ୍ୱାସରୋଗ, ଉଚ୍ଚ ରକ୍ତଚାପ ଥିବା ବ୍ୟକ୍ତିଙ୍କୁ କରୋନା ସଂକ୍ରମଣ ଅଧିକ ହେଉଥିବା ଅନୁଧ୍ୟାନରୁ ଜଣାଯାଇଛି। ଏବେ ମଧ୍ୟ କୋଭିଡ-୧୯ ସଂକ୍ରମିତଙ୍କଠାରେ ଉଚ୍ଚ ରକ୍ତଚାପ ଅଧିକ ପରିଲକ୍ଷିତ ହେଉଛି।

ଜଣେ ବ୍ୟକ୍ତିର ସାଧାରଣ ରକ୍ତ ଚାପ ହେଉଛି ୧୨୦/୮୦ ଏମଏମ ଏଚଜି। ଯଦି ଏହି ରକ୍ତଚାପ ୧୨୦ରୁ୧୨୯/୮୦ ଏମଏମ ଏଚଜି ହେଲା ତାହାକୁ ଉଚ୍ଚ ରକ୍ତଚାପ, ୧୩୦ରୁ୧୩୯/୮୦ରୁ ୯୦କୁ ଅତ୍ୟଧିକ ଉଚ୍ଚ ରକ୍ତଚାପ (ଲେବୁଲ-୧), ୧୪୦/୯୦ରୁ ଅଧିକ ହେଲେ ଅତ୍ୟଧିକ ଉଚ୍ଚ ରକ୍ତଚାପ (ଲେବୁଲ-୨) ଏବଂ ୧୮୦/୧୨୦ରୁ ଅଧିକକୁ ଉଦ୍‌ବେଗଜନକ ଉଚ୍ଚ ରକ୍ତଚାପ ବୋଲି କୁହାଯାଏ। କିଡ୍‌ନୀ,ଡାଇବେଟିସ, ଥାଇରଏଡ୍, ହୃଦରୋଗ ଆଦିରେ ସାଧାରଣ ରକ୍ତଚାପ ଭାବେ ୧୧୦/୭୦ ଏମଏମ ଏଚଜିକୁ ନିଆଯାଇଛି।

ରକ୍ତଚାପ ଥରେ ଅଧିକ ବୋଲି ଜଣାପଡ଼ିଲେ ଔଷଧ ବ୍ୟବହାର ସହିତ କେତେକ କଥା ମାନି ଚଳିବାକୁ ପଡ଼ିଥାଏ। ପ୍ରଥମତଃ ଲୁଣ କମ୍ ଖାଇବେ। ଡାଇବେଟିସକୁ ନିୟନ୍ତ୍ରଣରେ ରଖିବେ। ଚର୍ବିଜାତୀୟ ଖାଦ୍ୟ ଖାଇବେ ନାହିଁ। ନିୟମିତ ବ୍ୟାୟାମ, ଯୋଗ ଏବଂ ପ୍ରାଣାୟାମ କରିବେ। ଶବାସନ ମଧ୍ୟ ରକ୍ତଚାପ ହ୍ରାସ କରିଥାଏ। ଜୀବନଶୈଳୀରେ ପରିବର୍ତ୍ତନ ଆଣନ୍ତୁ। ନିଶାଦ୍ରବ୍ୟ ସେବନ ଅଭ୍ୟାସ ଥିଲେ ତାହାକୁ ତୁରନ୍ତ ବର୍ଜନ କରନ୍ତୁ। ପ୍ରତି ଘଣ୍ଟାରେ ବସି ନ ରହି ଟିକେ ଚଲାବୁଲା କରନ୍ତୁ। ପ୍ରତିଦିନ ଅତିକମରେ ୪୦ ମିନିଟ୍ ବ୍ୟାୟାମ କରନ୍ତୁ। ଅତିକମରେ ୬-୭ ଘଣ୍ଟା ଶୁଅନ୍ତୁ। ଲିଫ୍ଟ ବ୍ୟବହାର ନ କରି ଶିଡ଼ି ଓ ପାହାଚ ଚଢ଼ି ଯିବାଆସିବା କରନ୍ତୁ। ଏଥିସହ ସବୁଜ ପନିପରିବା, ତଟକା ଫଳମୂଳ, କୋଳି, କ୍ଷୀର, ଓଟ୍, ମିଲ୍, କଦଳୀ, ଚୂନା ମାଛ, ଶାଗ, ଭେଣ୍ଡି, କଲରା, ଜହ୍ନି, ମୁଗଡାଲି, କୋଳଥ ଡାଲି, ବାଜରା, ପୋହା, ପିଆଜ, ରସୁଣ, ଅମୃତଭଣ୍ଡା, ଅଁଳା, ଘୋଳ ଦହି, ସବୁଜ ଚଣା ହେଉଛି ଏହି ରୋଗୀଙ୍କ ପାଇଁ ଉପାଦେୟ ଖାଦ୍ୟ। ତେଣୁ ଯଦି ଆପଣ ଉଚ୍ଚ ରକ୍ତଚାପରେ ପୀଡ଼ିତ ତେବେ ନିୟମିତ ସମୟ ଅନ୍ତରାଳରେ ରକ୍ତଚାପ କେତେ ରହୁଛି ତାହା ଚେକ୍ କରିନିଅନ୍ତୁ ଏବଂ ଔଷଧ ଖାଇବା ସହିତ ଡାକ୍ତରଙ୍କ ସହ ପରାମର୍ଶ କରିବାକୁ ଭୁଲନ୍ତୁ ନାହିଁ।

–ଡା. ରାମଚନ୍ଦ୍ର ରାଉତ
ମୋ : ୯୪୩୭୭୪୨୪୯୯



**ଏ ବର୍ଷର ସ୍ଲୋଗାନ**

ସମଗ୍ର ବିଶ୍ୱରେ ଚିନ୍ତାର କାରଣ ସାଜିଥିବା ରୋଗ ମଧ୍ୟରୁ ଉଚ୍ଚ ରକ୍ତଚାପ ଅନ୍ୟତମ। ଓଜନ ବୃଦ୍ଧି, ଅସନ୍ତୁଳିତ ଖାଦ୍ୟପେୟ ଏବଂ ଜୀବନଶୈଳୀ, ନିଶାଦ୍ରବ୍ୟ ସେବନ ଏହାର ପ୍ରମୁଖ କାରଣ। ତେଣୁ ଏ ନେଇ ସଚେତନତା ସୃଷ୍ଟି ଲାଗି ୨୦୦୬ରୁ ପ୍ରତିବର୍ଷ ମେ’ ୧୭ ତାରିଖକୁ ୱାର୍ଲ୍ଡ ହାଇପରଟେନ୍‌ସନ ଡେ’ (ବିଶ୍ୱ ଉଚ୍ଚ ରକ୍ତଚାପ ଦିବସ) ଭାବରେ ପାଳନ କରାଯାଇଆସୁଅଛି। ଚଳିତବର୍ଷ ଏହି ଦିବସ ଅବସରରେ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ତରଫରୁ ଘୋଷିତ ସ୍ଲୋଗାନଟି ହେଲା, ‘ନିଜର ରକ୍ତଚାପ ମାପନ୍ତୁ, ନିୟନ୍ତ୍ରଣରେ ରଖନ୍ତୁ ଏବଂ ଦୀର୍ଘଜୀବୀ ହୁଅନ୍ତୁ’।

## କିପରି କରିବେ ନିୟନ୍ତ୍ରଣ

୨୦୦୬ରୁ ପ୍ରତିବର୍ଷ ମେ’ ୧୭ ତାରିଖକୁ ବିଶ୍ୱ ଉଚ୍ଚ ରକ୍ତଚାପ ଦିବସ ଭାବେ ପାଳନ କରାଯାଉଅଛି। ଏ ବିଷୟରେ ସଚେତନ କରାଇବା ଏହି ଦିବସ ପାଳନର ଅସଲ ଉଦ୍ଦେଶ୍ୟ। ତେବେ ଉଚ୍ଚ ରକ୍ତଚାପ ଦ୍ୱାରା ବିଭିନ୍ନ ଅଙ୍ଗପ୍ରତ୍ୟଙ୍ଗ ଖରାପ ହେବାର ଆଶଙ୍କା ଥାଏ, ଯେପରିକି ମସ୍ତିଷ୍କ, ହୃତ୍‌ପିଣ୍ଡ, ବୃକ୍କ, ଆଖି ଇତ୍ୟାଦି। ତେଣୁ ଉଚ୍ଚ ରକ୍ତଚାପ ଥିବା ରୋଗୀ ନିୟମିତ ଡାକ୍ତରୀ ପରୀକ୍ଷା କରାଇବା ଜରୁରୀ। ଉଚ୍ଚ ରକ୍ତଚାପ ହେବା ପାଇଁ ଜେନେଟିକ୍, ଅସନ୍ତୁଳିତ ଖାଦ୍ୟପେୟ, ମେଦବହୁଳତା, ବ୍ୟାୟାମ ଅଭାବ, ମଦ୍ୟ ଏବଂ ସିଗାରେଟ୍ ସେବନ ଇତ୍ୟାଦି କାରଣ ମୁଖ୍ୟତଃ ଦାୟୀ। ଡାଇବେଟିସ ଏବଂ କିଡ୍‌ନୀ ରୋଗୀଙ୍କୁ ମଧ୍ୟ ଉଚ୍ଚ ରକ୍ତଚାପ ହେବାର ଆଶଙ୍କା ଅଧିକ ଥାଏ। ବିଭିନ୍ନ ପ୍ରକାରର ଔଷଧ ଦ୍ୱାରା ଉଚ୍ଚ ରକ୍ତଚାପର ଚିକିତ୍ସା କରାଯାଇଥାଏ। ତେଣୁ ଅବହେଳା ନ କରି ତୁରନ୍ତ ଏବଂ ନିୟମିତ ଅଭିଜ୍ଞ ଡାକ୍ତରଙ୍କ ପରାମର୍ଶ କରାଇ ନେବା ଆବଶ୍ୟକ। ‘ପ୍ରିଭେନ୍‌ସନ ଇଜ୍ ବେଟର ଦ୍ୟାନ୍ କ୍ୟୁଅର’ ତେଣୁ ଯେପରି ଜଣଙ୍କୁ ଉଚ୍ଚ ରକ୍ତଚାପ ନ ହୁଏ, ସେଦିଗରେ ବିଶେଷ ଧ୍ୟାନ ଦେବା ଜରୁରୀ। ଯେପରି କି – ନିୟମିତ ବ୍ୟାୟାମ କରିବା, ଅଧିକ ଚର୍ବିଯୁକ୍ତ ଖାଦ୍ୟ ନ ଖାଇବା, ନିଶା ସେବନଠୁ ଦୂରେଇ ରହିବା, ଠିକ୍ ସମୟରେ ସନ୍ତୁଳିତ ଆହାର କରିବା, ଉପଯୁକ୍ତ ନିଦ୍ରା, ମାନସିକ ଚାପ ଓ ଅବସାଦଠାରୁ ଦୂରେଇ ରହିବା, ସମୟ ଅନ୍ତରାଳରେ ରକ୍ତଚାପ, ରକ୍ତଶର୍କରା, ଲିପିଡ଼ି ପ୍ରୋଫାଇଲ, ୟୁରିଆ କ୍ରିଏଟିନ୍ ଇତ୍ୟାଦି ପରୀକ୍ଷା କରି ଡାକ୍ତରଙ୍କ ପରାମର୍ଶ ନେବା ଆବଶ୍ୟକ।

– ଡା. ମୃଣ୍ମୟ କୁମାର ମହାନ୍ତି
(ଏମ୍‌ରଜେନ୍‌ସି ମେଡିସିନ୍ ବିଶେଷଜ୍ଞ),
ସିଲ୍‌ଭରସିଟି ହସ୍ପିଟାଲ, ଚାଉଳିଆଗଞ୍ଜ, କଟକ

## ଆୟୁର୍ବେଦୀୟ ଉପଚାର

- ରୋଗୀ ଦୈନିକ ସକାଳେ ଖାଲି ପେଟରେ ରସୁଣ ୨/୩ ପୁଡା (କଞ୍ଚା) ଚୋବାଇ ଖାଇବା ଆବଶ୍ୟକ।
- ନିମ୍ବ ପତ୍ର ୫ଟି ଏବଂ ତୁଳସୀ ପତ୍ର ୧୦/୧୨ଟି ଦୈନିକ ସକାଳେ ଏବଂ ଖାଲି ପେଟରେ ସଜନା ପତ୍ର ରସ ୨/୩ ଚାମଚ ସେବନ କରନ୍ତୁ।
- ସକାଳେ ଏବଂ ସନ୍ଧ୍ୟାରେ ଖାଇବା ପୂର୍ବରୁ ଅର୍ଜୁନ ଛାଲି ରସ ୩ ଚାମଚ ଏକ କପ ଉଷୁମ କ୍ଷୀର ସହ ମିଶାଇ ପିଅନ୍ତୁ।
- ସର୍ପଗନ୍ଧା, ଜଟାମାଂସୀ, ଅର୍ଜୁନ, ଅଶ୍ୱଗନ୍ଧା ମାତ୍ରାନୁଯାୟୀ ଚୂର୍ଣ୍ଣ ସେବନ କରନ୍ତୁ।
- ମୁଣ୍ଡରେ ମଧ୍ୟମ ନାରାୟଣ ତୈଳ, ସର୍ପଗନ୍ଧା ତୈଳ ବା ହିମସାଗର ତୈଳ ମାଲିସ କଲେ ସୁଫଳ ମିଳିଥାଏ।

–ଡା. ଆଶିଷ ବାନାର୍ଜୀ
ମୋ : ୯୮୬୧୩୭୪୩୮୫










## ବୌଦ୍ଧରେ କରୋନାରେ ୪ ଜଣଙ୍କ ମୃତ୍ୟୁ

ବୌଦ୍ଧ,(ସ୍ୱ.ପ୍ର.): ବୌଦ୍ଧ ଜିଲାରେ ରବିବାର ୪ ଜଣ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ ଘଟିଛି । ବୌଦ୍ଧ ବ୍ଲକ ବାଉଁଶୁଣୀ ପଞ୍ଚାୟତ ଡିମିରିପାଲି ଗ୍ରାମର ଜଣେ ୨୭ ବର୍ଷୀୟ ଯୁବକଙ୍କ ମୃତ୍ୟୁ ଘଟିଛି । ଗତ ୧୩ ତାରିଖ ଦିନ ସେ ପଜିଟିଭ ଚିହ୍ନଟ ହେବା ପରେ ଘରେ ସଙ୍ଗରୋଧରେ ରହିଥିଲେ। ପରେ ତାଙ୍କର ସ୍ୱାସ୍ଥ୍ୟବସ୍ଥା ବିଗିଡି ଯିବାରୁ ଗତ ୧୫ ତାରିଖ ଦିନ ବୌଦ୍ଧ ଜିଲା କୋଭିଡ ହସ୍ପିଟାଲରେ ଭର୍ତ୍ତି ହୋଇଥିଲେ। ରବିବାର ତାଙ୍କର ମୃତ୍ୟୁ ଘଟିଛି । ସନ୍ଧ୍ୟାରେ ଅନ୍ୟ ୩ ଜଣଙ୍କ ଜିଲା କୋଭିଡ ହସ୍ପିଟାଲରେ ମୃତ୍ୟୁ ଘଟିଛି । ଜିଲାରେ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ ସଂଖ୍ୟା ବଢି ଚାଲିଥିବାରୁ କଟକଣା କଡାକଡି କରିବାକୁ ସାଧାରଣରେ ଦାବି ହେଉଛି ।

# ଚାଷୀଙ୍କୁ କାଳ କାଳବୈଶାଖୀ

- କାଳବୈଶାଖୀ ଯୋଗୁ ଧାନ ଚାଷ କ୍ଷତି
- ବିଲରେ କଟା ଧାନ ଗଜା ହେଲା
- କ୍ଷୟକ୍ଷତି ରିପୋର୍ଟ ଦେବାକୁ ନିର୍ଦ୍ଦେଶ

ସରଣ୍ଡା,୧୬।୫( ଡି.ଏନ.ଏ)

ବରଗଡ଼ ଜିଲା ଅତାବିରା ଅଞ୍ଚଳରେ କାଳବୈଶାଖୀ ଚାଷୀଙ୍କ ପାଇଁ କାଳ ସାଜିଛି। ଗତ ୫ଦିନ ହେଲା ଝଡ଼ବର୍ଷା ଯୋଗୁ ବିଲରେ ଚାଷୀଙ୍କ ଧାନ ଭିଜି ଗଜା ହେଲାଣି ।ହାର୍ଭେଷ୍ଟର ମେଶିନରେ କଟାଧାନ ଶୁଖାଇବା ପାଇଁ ରଖାଯାଇଥିବା ଧାନ ମଧ ଭିଜିଯାଇଛି। ଏପରି ଅବସ୍ଥାରେ ଧାନ ଡିସ୍‌କଲର ହେଲାଣି । ଆଗକୁ ଏହି ଧାନ ବିକ୍ରି ହେବ କି ନାହିଁ ସନ୍ଦେହ ପ୍ରକାଶ ପାଇଛି। ବହୁ ଚାଷୀଙ୍କ ଧାନ ଏବେ କ୍ଷେତରେ ପଡିଛି । ବର୍ଷା ଯୋଗୁ ଧାନ ଅମଳ କରିବାକୁ ଚାଷୀ ଡରିଲେଣି। ସେହିପରି କାଳବୈଶାଖୀ ଝଡ଼ବର୍ଷାରେ ଧାନ ଶୁଖି ପାରୁନାହିଁ। ଫଳରେ ଚାଷୀ ଧାନ କାଟିପାରୁ ନାହାନ୍ତି। ଅନ୍ୟପକ୍ଷେ କୋଭିଡ କଟକଣା ଯୋଗୁ ଶ୍ରମିକ ଆସିବାରେ ସମସ୍ୟା ଦେଖାଦେଉଛି। ଶ୍ରମିକ ମିଳୁ ନ ଥିବାରୁ ଗତ ୨ବର୍ଷ ହେଲା ଧାନ ଚାଷ ପ୍ରତି ଚାଷୀଙ୍କ ଆଗ୍ରହ କମିବାରେ ଲାଗିଛି। ଏପଟେ ନିର୍ଦ୍ଧାରିତ ସମୟରେ ଧାନ ବିକ୍ରି ନ ହେଲେ ଟୋକନ ଅବଧି ଶେଷ ହୋଇଯିବା ଚିନ୍ତା ରହିଛି ।

### ବିଲରେ ଧାନ ଗଜା ହେଲା



"ଧାନ ଦାଇ ଥିଲୁ, ଅଚାନକ ଅଦିନିଆ ବର୍ଷାରେ ଆମ ଧାନ ବିଲରେ ଗଜା ହୋଇଗଲା । ଇ ଧାନ କେ ସରକାର ଘିନୁନ।

ସିଲିପି ବାଗ, ଚାଷୀ, ଚକୁଲି।

### ବହୁତ କ୍ଷତି ହୋଇଛି



"ଏହି କାଳବୈଶାଖୀ ଝଡ଼ବର୍ଷା ଦ୍ୱାରା ଆମ ଅଞ୍ଚଳରେ ଧାନ ଚାଷ ବହୁତ କ୍ଷତି ହୋଇଛି। ଯାହା ଅମଳ ହେଉଛି ସେହି ଧାନ ବିକ୍ରି ପାଇଁ ସରକାର ଧାନ ଦିଅନ୍ତୁ ବୋଲି ନିବେଦନ କରୁଛୁ।

ଉଦୟନାଥ ଜଗତ, ଚାଷୀ, ସୋର୍ଣ୍ଣା।

### କେନ୍ତା କରି ପରିବାର ଚଳାମୁଁ

"ପାଗ ଶୁଖିଲା ଥିଲା ବେଳେ ଧାନ କାଟିଥିଲୁ। ଲଗାତାର ପାଞ୍ଚ ଦିନ ଝଡବର୍ଷା ଲାଗି ଆମର ୪ଏକର ଜମିର ଧାନ ପେଟା ତି ଗଜା ହେଇଗଲାନ କେନ୍ତା କରି ପରିବାର ଚଳାମୁଁ।



"ସରକାର ଆମେ କରିଥିବା ଇନସୁରେନସଁ ପଇସା ଦେବା ସହ ଚାଷୀଙ୍କୁ ସହାୟତା ଦେଉନ।

ଯୋଗେଶ ଚନ୍ଦ୍ର ମହାପାତ୍ର, ଚାଷୀ, ସୋର୍ଣ୍ଣା।

### ୩ ଦିନ ଭିତରେ ରିପୋର୍ଟ ତଲବ



"ରାଜସ୍ୱ ନିରୀକ୍ଷକ ଓ କୃଷି ବିଭାଗ ଅଧିକାରୀ ଚାଷୀଙ୍କ ପାଖକୁ ଯାଇ କ୍ଷତିଗ୍ରସ୍ତ ଧାନ ଚାଷର ତଦନ୍ତ କରିବେ। ସେମାନେ କ୍ଷୟକ୍ଷତି ଆକଳନ କରି ୩ଦିନ ଭିତରେ ରିପୋର୍ଟ ଦେବାକୁ ନିର୍ଦ୍ଦେଶ ଦିଆଯାଇଛି।

ଦୁର୍ଯ୍ୟୋଧନ ଭୋଇ, ତହସିଲଦାର, ଅତାବିରା।

### ସରକାରୀ ସହାୟତା ଜରୁରୀ



"ଅଦିନିଆ ବର୍ଷା ଯୋଗୁ ଆମମାନଙ୍କ ଧାନଚାଷ କ୍ଷତିଗ୍ରସ୍ତ ହୋଇଛି। ସରକାର ସହାୟତା କଲେ ଆମେ ଉପକୃତ ହେବୁ ।

ଚତୁର୍ଭୁଜ ଭୁଏ, ଚାଷୀ, ସୋର୍ଣ୍ଣା।

## ଜମି ବିବାଦ : ଭାଇଙ୍କୁ ହତ୍ୟା କଲେ ଭାଇ

ସଇଁତଲା, ୧୬।୫(ଡି.ଏନ.ଏ.)

**ସପ୍ତାହକ ମଧ୍ୟରେ ଦ୍ୱିତୀୟ ଘଟଣା**

ଜମି ବିବାଦକୁ କେନ୍ଦ୍ର କରି ବଲାଙ୍ଗୀର ଜିଲା ସଇଁତଲା ଥାନା ଅନ୍ତର୍ଗତ କୁମ୍ଭାରୀ ଗ୍ରାମରେ ଶନିବାର ରାତିରେ ଭାଇକୁ ହତ୍ୟା କରିଛନ୍ତି ଭାଇ । ହତ୍ୟାର ଶିକାର ହୋଇଛନ୍ତି ଡ଼ିଙ୍ଗର ରଣା(୪୫) ।ପୋଲିସ ସୂତ୍ରରୁ ପ୍ରକାଶ ଯେ, କୁମ୍ଭାରୀ ଗ୍ରାମର ବିଜୟ ରଣା ଓ ଡ଼ିଙ୍ଗର ରଣାଙ୍କ ପରିବାର ମଧ୍ୟରେ ଦୀର୍ଘଦିନରୁ ପୈତୃକ ଜମିକୁ ନେଇ ଗଣ୍ଡଗୋଳ ଲାଗିରହିଥିଲା । ଶନିବାର ରାତିରେ ଦୁଇ ପରିବାର ମଧ୍ୟରେ ପାଟିତୁଣ୍ଡ ହୋଇଥିଲା। ଏଥିରେ ବିଜୟ ଗୁରୁତର ଆହତ ହୋଇଥିବାବେଳେ ଡ଼ିଙ୍ଗରଙ୍କ ମୃତ୍ୟୁ ଘଟିଥିଲା। ବିଜୟଙ୍କୁ ଭୀମ ଭୋଇ ମେଡିକାଲ କଲେଜ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ଖବର ପାଇ ଟିଟିଲାଗଡ଼ ଏସଡ଼ିପିଓ ସୁରେନ୍ଦ୍ରନାଥ ଶତପଥୀ, ସଇଁତଲା ଥାନାଧିକାରୀ ସଂଗ୍ରାମ କେଶରୀ ପଟ୍ଟନାୟକ ଓ ତଦନ୍ତକାରୀ ଟିମ୍ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛନ୍ତି। ପୋଲିସ ଏହି ଘଟଣାରେ ଜଣକୁ ଅଟକ ରଖି ପଚରାଉଚୁରା କରୁଛି। ଡ଼ିଙ୍ଗରଙ୍କ ମୃତଦେହ ବ୍ୟବଚ୍ଛେଦ ପାଇଁ ଟିଟିଲାଗଡ଼ ପଠାଯାଇଛି। ଏ ନେଇ ସଇଁତଲା ଥାନାରେ ଏକ ମାମଲା(ନଂ.୧୩୦/୨୧)ରୁଜୁ ହୋଇଥିବା ତଦନ୍ତକାରୀ ଅଧିକାରୀ ପଟ୍ଟନାୟକ କହିଛନ୍ତି। ସୂଚନାଯୋଗ୍ୟ ଯେ, ସପ୍ତାହକ ତଳେ ସଇଁତଲା ଥାନା ବଡ଼ମାଳରେ ଜମି ବିବାଦକୁ ନେଇ ଭାଇକୁ ଭାଇ ହତ୍ୟା କରିଥିବା ଅଭିଯୋଗ ହୋଇଥିଲା ।

## ବଣିକ ସଂଘ ପକ୍ଷରୁ ଅକ୍ସିଜେନ୍ ବ୍ୟାଙ୍କ ଉଦ୍‌ଘାଟିତ




ବଣିକ ସଂଘ ପକ୍ଷରୁ ଅକ୍ସିଜେନ୍ ବ୍ୟାଙ୍କ ଉଦ୍‌ଘାଟନ କରାଯାଉଛି ।

ବଲାଙ୍ଗୀର ଅଫିସ, ୧୬।୫

ବଲାଙ୍ଗୀର ଜିଲାରେ ଅକ୍ସିଜେନ୍ ଅଭାବ ଦୂର କରିବା ପାଇଁ ପ୍ରଶାସନିକ ସ୍ତରରେ ଉଦ୍ୟମ ଜାରି ରହିଛି। ଏଭଳି ସମୟରେ ଜିଲା ବଣିକ ସଂଘ ପକ୍ଷରୁ ଏକ ଅକ୍ସିଜେନ୍ ବ୍ୟାଙ୍କ ଖୋଲାଯାଇ ଲୋକଙ୍କୁ ରିହାତି ମୂଲ୍ୟରେ ଅକ୍ସିଜେନ୍ ସିଲିଣ୍ଡର ଯୋଗାଇବା ଉଦ୍ୟମ ଆରମ୍ଭ ହୋଇଛି । ବଲାଙ୍ଗୀର ବଣିକ ସଂଘ ପକ୍ଷରୁ ରବିବାର ଅପରାହ୍ଣରେ ଅକ୍ସିଜେନ୍ ବ୍ୟାଙ୍କର ଶୁଭାରମ୍ଭ କରାଯାଇଛି। ସ୍ଥାନୀୟ ସାମ୍ବାଦିକ ଭବନଠାରେ ଅନୁଷ୍ଠିତ ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ବିଧାୟକ ନରସିଂହ ମିଶ୍ର ଭର୍ଚୁଆଲ ମୋଡରେ ଯୋଗଦେଇ ଏହି ଅକ୍ସିଜେନ୍ ବ୍ୟାଙ୍କକୁ ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ ମ୍ୟୁନିସିପାଲିଟି ନିର୍ବାହୀ ଅଧିକାରୀ ବିପିନ ବିହାରୀ ଦୀପ ଯୋଗଦାନ କରି ବଣିକ ସଂଘର ଉଦ୍ୟମକୁ ସାଧୁବାଦ ଜଣାଇ ପ୍ରତ୍ୟେକ ଅନୁଷ୍ଠାନ ବର୍ତ୍ତମାନ ଜନସେବାରେ ଆଗେଇ ଆସିବ ଉଚିତ୍ ବୋଲି କହିଥିଲେ । ସଭାରେ ବଣିକ ସଂଘ ସଭାପତି ତ୍ରିପୁରାରୀ ପାଣିଗ୍ରାହୀ ଓ ସମ୍ପାଦକ ବଳରାମ ଅଗ୍ରୱାଲ ମଞ୍ଚାସୀନ ଥିଲେ । ସଭାକୁ ନାଗରିକ କମିଟି ସମ୍ପାଦକ ବିଷ୍ଣୁପ୍ରସାଦ କେଡିଆ ପରିଚାଳନା କରିଥିଲେ। ଏହି ଅକ୍ସିଜେନ୍ ବ୍ୟାଙ୍କରେ ବର୍ତ୍ତମାନ ୨୩ଟି ଅକ୍ସିଜେନ୍ ସିଲିଣ୍ଡର ରହିଛି। ଏହି ସିଲିଣ୍ଡରଗୁଡିକୁ ବଣିକ ସଂଘର ସଦସ୍ୟମାନେ ଦାନ କରିଛନ୍ତି। ଏହି ସିଲିଣ୍ଡରରେ ଅମ୍ଳଜାନ ଭର୍ତ୍ତି କରାଯାଇ ଏହାକୁ ରୋଗୀମାନଙ୍କୁ ଦିଆଯିବ । ରୋଗୀମାନଙ୍କଠାରୁ କେବଳ ଅକ୍ସିଜେନ୍ ଭର୍ତ୍ତି କରାଯିବାର ପାଉଣା ନିଆଯିବ ବୋଲି ସଂଘ ସଭାପତି ପାଣିଗ୍ରାହୀ ସୂଚନା ଦେଇଛନ୍ତି । ଆଜିର ସଭାରେ ବଣିକ ସଂଘର ସିଲିଣ୍ଡର ଦାତାଙ୍କ ସହ ଅନ୍ୟ ସଦସ୍ୟ, ଆକ୍ସନ କମିଟି ସଭାପତି ଗୋପାଲଜୀ ପାଣିଗ୍ରାହୀ, ବିଙ୍ଗ୍ ହ୍ୟୁମାନ୍ ଫାଉଣ୍ଡେସନ୍ ସଭାପତି ସୋମନାଥ ମିଶ୍ର, ମାହେଶ୍ୱରୀ ସଙ୍ଗଠନ ଅଧ୍ୟକ୍ଷ ଅଙ୍କୁଶ କୁମାର ପାଣ୍ଡିଆ, ସନ୍ଦୀପ କୁମାର କୁଅଁର ଓ ଅନ୍ୟମାନେ ଉପସ୍ଥିତ ଥିଲେ ।

## ସଂକ୍ଷେପରେ

### ଆଇଆଇସି ସ୍ତରରେ ଅଦଳବଦଳ

ସୋନପୁର,୧୬।୫(ନି.ପ୍ର.): ସୁବର୍ଣ୍ଣପୁର ଜିଲା ପୋଲିସ ଅଧିକାରୀସ୍ତରରେ ଅଦଳବଦଳ କରାଯାଇଛି। ଏସ୍‌ପି ସୀତାରାମ ଶତପଥୀ ୩ ଥାନାରେ ନୂତନ ଆଇଆଇସି ନିଯୁକ୍ତ କରିଛନ୍ତି। ବିନିକା ଥାନା ଆଇଆଇସି ନିରଞ୍ଜନ ଦାଶଙ୍କୁ ତରଭା ଥାନା ଆଇଆଇସିଭାବେ ବଦଳି କରାଯାଇଛି। ତରଭା ଥାନାର ପ୍ରାକ୍ତନ ଆଇଆଇସି ଡୋଲାମଣି ଭୋଇ ପଦୋନ୍ନତି ପାଇ ବୀରମହାରାଜପୁର ଏସ୍‌ଡିପିଓଭାବେ ଯୋଗଦାନ କରିବା ପରେ ତରଭା ଥାନା ଆଇଆଇସି ପଦବୀ ଖାଲି ପଡିଥିଲା । ସେହିପରି ସୁବର୍ଣ୍ଣପୁର ଜିଲା ପୋଲିସ ମୁଖ୍ୟ ଦପ୍ତରରେ କାର୍ଯ୍ୟରତ ଇନ୍ସପେକ୍ଟର ପବିତ୍ର ସାହୁଙ୍କୁ ବିନିକା ଆଇଆଇସି ଓ ସୁବର୍ଣ୍ଣପୁର ଜିଲା ଡିସିଆରବିର ଇନ୍ସପେକ୍ଟର ଅଞ୍ଜଳି କୁମ୍ଭାରଙ୍କୁ ବୀରମହାରାଜପୁର ଆଇଆଇସି ଭାବେ ବଦଳି କରାଯାଇଛି ।

### ପୋଖରୀ ହୁଡାରୁ ଗୁରୁତର ଅବସ୍ଥାରେ ମିଳିଲେ ଶ୍ରମିକ

ଲୋଇସିଂହା,୧୬।୫(ଡି.ଏନ.ଏ.): ଲୋଇସିଂହା ରେଞ୍ଜ ତଥା ଆଗଲପୁର ବ୍ଲକ ନୁନିଆପାଲି ଗାଁ ପୋଖରୀ ହୁଡାରୁ ରବିବାର ହେମନ୍ତ ସାହୁ(୪୫) ନାମକ ଜଣେ ଶ୍ରମିକଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରାଯାଇଥିଲା। ତାଙ୍କୁ ଆମ୍ବୁଲାନ୍ସ ଯୋଗେ ବଲାଙ୍ଗୀର ଭୀମ ଭୋଇ ମେଡିକାଲ କଲେଜ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ଶୌଚ ପାଇଁ ପୋଖରୀକୁ ଆସିଥିବା ବେଳେ ଏକ ହାତୀ ଆକ୍ରମଣ କରିବାରୁ ତାଙ୍କର ଏହି ଅବସ୍ଥା ହୋଇଛି ବୋଲି ହେମନ୍ତ କହିଛନ୍ତି। ବନ ବିଭାଗ ଘଟଣାକୁ ହାଲୁକାଭାବେ ନେବା ଓ ଘଟଣାସ୍ଥଳରେ ନ ପହଞ୍ଚିବାରୁ ଗାଁରେ ଉତ୍ତେଜନା ପ୍ରକାଶ ପାଇଥିଲା। ଫରେଷ୍ଟର ମଧୁସୂଦନ ଗଡୁଆଙ୍କୁ ପଚାରିବାରୁ ଲୋଇସିଂହା ରେଞ୍ଜ ଅନ୍ତର୍ଗତ ସିଂଜୁରୀ ଓ ବରଗଡ ଅଞ୍ଚଳରେ ହାତୀ ରହିଛି। ତେଣୁ ହାତୀ ଆକ୍ରମଣ ଘଟଣା ସନ୍ଦେହଜନକ ବୋଲି ସେ କହିଛନ୍ତି। ଅପରପକ୍ଷେ ଛେଲିଆପାଟ ସଂରକ୍ଷିତ ଜଙ୍ଗଲରେ ହାତୀ ଗର୍ଜନ ଶୁଣିଥିବା ଗ୍ରାମବାସୀ କହିଛନ୍ତି। ଗ୍ରାମର ଜଣେ ଚାଷୀଙ୍କ କ୍ଷେତରେ କାମ କରିବାକୁ ଯାଇଥିବା ହେମନ୍ତ ଶୌଚ ପାଇଁ ନିକଟସ୍ଥ ପୋଖରୀକୁ ଆସିଥିଲେ। ଦୀର୍ଘ ସମୟ ଧରି କାମକୁ ନ ଫେରିବାରୁ ଚାଷୀ ଜଣକ ପୋଖରୀ ପଟକୁ ତାଙ୍କୁ ଖୋଜିବାକୁ ଆସିଥିବାବେଳେ ହୁଡାରେ ହେମନ୍ତ ପଡିଥିବା ଦେଖି ଗ୍ରାମବାସୀଙ୍କୁ ଜଣାଇଥିଲେ।

### କୃଷ୍ଣଚିନ୍ତନ ଦାସଙ୍କ ସ୍ମୃତି ମହୋତ୍ସବ

ଲୋଇସିଂହା,୧୬।୫(ଡି.ଏନ.ଏ): ଲୋଇସିଂହା ବ୍ଲକ ଭାଲିଆମୁଣ୍ଡା ବଳଦେବ ଆଶ୍ରମରେ ଦିବଂଗତ ବାବ କୃଷ୍ଣଚିନ୍ତନ ଦାସଙ୍କ ସ୍ମୃତି ମହୋତ୍ସବ ରବିବାର ପାଳିତ ହୋଇଯାଇଛି। ଆୟୋଜିତ କାର୍ଯ୍ୟକ୍ରମରେ ପୁରୁଷୋତ୍ତମ ମହାରାଜ ପୌରୋହିତ୍ୟ କରିଥିଲେ । ବ୍ୟାସ ମହେନ୍ଦ୍ର ମିଶ୍ର ଭାଗବତ, ନିରଞ୍ଜନ ପଣ୍ଡା ଗୋପଳ ସହସ୍ର ନାମ ଓ ଲକ୍ଷ୍ମୀଧର ତ୍ରିପାଠୀ ଗୀତା ଏବଂ ବିଷ୍ଣୁ ସହସ୍ରନାମ ପାଠ କରିଥିଲେ । ବ୍ରଜମୋହନ ମିଶ୍ର କର୍ତ୍ତା ଦାୟିତ୍ୱ ନିର୍ବାହ କରିଥିଲେ । ଶ୍ରୀକର ତ୍ରିପାଠୀ, ପ୍ରମୋଦ ତ୍ରିପାଠୀ, ଶ୍ୟାମସୁନ୍ଦର ନାଏକ, ରାଜୀବ ଲୋଚନ ଦରୁଆ ମହୋତ୍ସବ ଆୟୋଜନ କରିଥିଲେ । କିଛିଦିନ ତଳେ ସୁବର୍ଣ୍ଣପୁର ଜିଲା ବିଶିମୁଣ୍ଡା ମଠରେ ମହନ୍ତ ଦାସଙ୍କୁ ହତ୍ୟା କରାଯାଇଥିଲା ।

### ବରିଷ୍ଠ ଖବରଦାତାଙ୍କ ପରଲୋକ

ବଲାଙ୍ଗୀର ଅଫିସ, ୧୬।୫: ବଲାଙ୍ଗୀର ଜିଲା ସାମ୍ବାଦିକ ସଂଘର ପୂର୍ବତନ ଭାରପ୍ରାପ୍ତ ସଭାପତି ତଥା ବରିଷ୍ଠ



ଖବରଦାତା କୈଳାସ ସାହୁ (୭୫)ଙ୍କ ରବିବାର ତାଙ୍କ ପାଟଣାଗଡସ୍ଥିତ ବାସଭବନରେ ପରଲୋକ ହୋଇଯାଇଛି। କିଛିଦିନ ତଳେ ସେ କରୋନା ସଂକ୍ରମିତ ହୋଇଥିଲେ। ଭୀମ ଭୋଇ ମେଡିକାଲ କଲେଜ ହସ୍ପିଟାଲରେ ଚିକିତ୍ସିତ ହୋଇ ଘରକୁ ଫେରିଥିଲେ । ତେବେ ସକାଳେ ତାଙ୍କର ବିୟୋଗ ଘଟିଥିଲା। ସେ ବହୁବର୍ଷ ଧରି ଧରିତ୍ରୀ ସମେତ ଅନ୍ୟ ଖବରକାଗଜରେ କାର୍ଯ୍ୟ କରିଥିଲେ । ତାଙ୍କର ସ୍ତ୍ରୀ, ୩ ପୁଅ, ବୋହୂ ଓ ନାତିନାତୁଣୀ ଅଛନ୍ତି। ପାଟଣାଗଡଠାରେ ତାଙ୍କର ଶେଷକୃତ ସମ୍ପନ୍ନ ହୋଇଛି । ତାଙ୍କ ବିୟୋଗରେ ଏମ୍‌ପି ସଙ୍ଗୀତା କୁମାରୀ ସିଂଦେଓ, ପୂର୍ବତନ ମନ୍ତ୍ରୀ କନକବର୍ଦ୍ଧନ ସିଂଦେଓ, ଜିଲା ସାମ୍ବାଦିକ ସଂଘ ସଭାପତି ହରିନାରାୟଣ ପୂଜାରୀ, ସତ୍ୟନାରାୟଣ ବେହେରା ଲକ୍ଷ୍ମୀକାନ୍ତ ମିଶ୍ର, ସାଦାଶିବ ସରାଫ, ପୂର୍ଣ୍ଣଚନ୍ଦ୍ର ପଣ୍ଡା, ସନ୍ଦୀପ କୁଅଁର, ଶରତ ମିଶ୍ର ଶୋକ ପ୍ରକାଶ କରିଛନ୍ତି ।

## ଚେକିଂ ନାଁରେ ପାତରଅନ୍ତର ଅଭିଯୋଗ

ଗୋଲାମୁଣ୍ଡା, ୧୬।୫ (ଡି.ଏନ.ଏ.)



ଗୋଲାମୁଣ୍ଡା ପୋଲିସ ପକ୍ଷରୁ ଯାନବାହନ ଯାଞ୍ଚ କରାଯାଉଛି।

- ପୋଲିସକୁ ମାଫ୍, ସାଧାରଣ ଲୋକଙ୍କୁ ଫାଇନ
- ଗୋଲାମୁଣ୍ଡା ପୋଲିସର ବିଚିତ୍ର ନୀତି

କଳାହାଣ୍ଡି ଜିଲାରେ କରୋନାର ପ୍ରକୋପ ଯୋଗୁ ବିଭିନ୍ନ ସ୍ଥାନରେ ପୋଲିସ ପ୍ରଶାସନ ପକ୍ଷରୁ ସୁରକ୍ଷା ବ୍ୟବସ୍ଥାକୁ କଡାକଡି କରାଯାଇଛି। ତେବେ ଏଥିରେ କିଛି ପୋଲିସ କର୍ମଚାରୀ ପାତରଅନ୍ତର କରୁଥିବା ଅଭିଯୋଗ ହୋଇଛି। ନିଜ ଷ୍ଟାପ ତଥା ଚିହ୍ନା ଲୋକଙ୍କୁ ଛାଡି ଦେଉଥିବାବେଳେ ସାଧାରଣ ଲୋକଙ୍କୁ ଫାଇନ ଆଦାୟ କରାଯାଉଥିବା ଜଣାପଡିଛି। ରବିବାର କଳାହାଣ୍ଡି–ନୂଆପଡା ଜିଲା ସୀମାନ୍ତ ଗୋଲାମୁଣ୍ଡା ଥାନା ଅଧୀନ ତୁମୁରା ନିକଟରେ ସ୍ଥାନୀୟ ପୋଲିସ ପକ୍ଷରୁ କଡାକଡି ଯାଞ୍ଚ ଚାଲିଥିଲା। ନିୟମ ଉଲଂଘନ କରୁଥିବା ବ୍ୟକ୍ତିଙ୍କଠାରୁ ପୋଲିସ ଫାଇନ ଆଦାୟ କରୁଥିବା ବେଳେ ସେହି ରାସ୍ତା ଦେଇ ବିନା ହେଲମେଟ୍‌ରେ ୨ଜଣ ପୋଲିସ ବାଇକ୍‌ରେ ଯାଉଥିବାବେଳେ ତାଙ୍କୁ ଉପସ୍ଥିତ ପୋଲିସ ଛାଡି ଦେଇଥିବା ଜଣାପଡିଛି। ଯାହାକୁ ନେଇ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି। ଏ ନେଇ ଦାୟିତ୍ୱରେ ଥିବା ପୋଲିସ ଏଏସ୍‌ଆଇ ଈଶ୍ୱର ଚନ୍ଦ୍ର ମାଝିଙ୍କୁ ପଚାରିଥିବାରୁ ଆମ ଷ୍ଟାପ୍ ହାବିଲଦାର୍‌ମାନେ ଅଟନ୍ତି ଓ ତାଙ୍କୁ ଆମେ ଛାଡିବାକୁ ପଡିବ ବୋଲି କହିଥିଲେ। ଗୋଲାମୁଣ୍ଡା ଥାନାଧିକାରୀ ଯୁଗଳ ଶବରଙ୍କୁ ପଚାରିଥିବାରୁ ଗୋଟିଏ ବାଇକ୍‌ରେ ବିନା ହେଲମେଟ୍‌ରେ ୨ଜଣ ସରକାରୀ କର୍ମଚାରୀ ହେଲେ ମଧ ଯାତାୟାତ କରିପାରିବେ ନାହିଁ। ଡ୍ୟୁଟିରେ ଥିବା ପୋଲିସ କର୍ମଚାରୀମାନେ ଭୁଲ କରିଛନ୍ତି ବୋଲି କହିଥିଲେ। ଧର୍ମଗଡ ଉପଖଣ୍ଡ ଆରକ୍ଷୀ ଅଧିକାରୀ ଧିରୋଜ ଚୁପଦାରଙ୍କୁ ପଚାରିବାରୁ ବାଇକ୍‌ରେ ସମସ୍ତଙ୍କୁ ହେଲ୍‌ମେଟ ପିନ୍ଧିବା ନିୟମ ରହିଛି। ମୁଁ ତଦନ୍ତ କରି ବୁଝୁଛି ବୋଲି କହିଥିଲେ। କଳାହାଣ୍ଡି ଆରକ୍ଷୀ ଅଧୀକ୍ଷକ ବିବେକ ଶ୍ରବଣ କୁମାରଙ୍କୁ ପଚାରିଥିବାରୁ ମୁଁ ଗୋଲାମୁଣ୍ଡା ଥାନାକୁ ଫୋନ୍ କରୁଛି ଓ ତଦନ୍ତ କରି ତାଙ୍କୁ ଫାଇନ୍ କାଟିବା ବ୍ୟବସ୍ଥା କରୁଛି ବୋଲି କହିଥିଲେ।

## ଶିଶୁ ଗୃହର ୫ ଅନ୍ତେବାସୀଙ୍କୁ କରୋନା

ସୋନପୁର,୧୬।୫(ନି.ପ୍ର.)

ସୁବର୍ଣ୍ଣପୁର ସହର ମଝିପେଡାସ୍ଥିତ ଶିଶୁ ଗୃହର ୫ ଅନ୍ତେବାସୀଙ୍କ ସ୍ୱାବ୍ ରିପୋର୍ଟ ପଜିଟିଭ୍ ଆସିଛି। ମାତା ପିତାଙ୍କ ଯତ୍ନରୁ ବଞ୍ଚିତ ଥିବା ଏହି ଅନାଥ ଶିଶୁ କରୋନା ସଂକ୍ରମିତ ଜଣାପଡିବା ପରେ ଅନ୍ୟ ଅନ୍ତେବାସୀ ମାନେ ଭୟଭୀତ ହୋଇ ପଡିଛନ୍ତି। ସଂକ୍ରମିତଙ୍କୁ ସଙ୍ଗରୋଧରେ ରଖାଯାଇଛି। ସମସ୍ତଙ୍କ ସ୍ୱାସ୍ଥ୍ୟବସ୍ଥା ଭଲ ଥିବା କହିଛନ୍ତି ଶିଶୁ ମଙ୍ଗଳ ସମିତିର ଅଧ୍ୟକ୍ଷ ହିମାଂଶୁ ଭୂଷଣ ନାୟକ। ଏହି ଗୃହରେ ଏବେ ୩୭ ଜଣ ଶିଶୁ ରହୁଛନ୍ତି। ଏହି ଜିଲା ସଂକ୍ରମଣ ଦୃଷ୍ଟିରୁ ଏବେ ରେଡ ଜୋନରେ ରହିଛି। ସଂକ୍ରମଣ ସହର ଓ ଗ୍ରାମାଞ୍ଚଳରେ ବ୍ୟାପିଗଲାଣି। ଶଟଡାଉନ୍ ସତ୍ତ୍ୱେ ରବିବାର ଜିଲାର ସର୍ବାଧିକ ୨୫୫ ଜଣଙ୍କଠାରେ କରୋନା ପଜିଟିଭ୍ ଚିହ୍ନଟ ହୋଇଥିବା ନେଇ ରାଜ୍ୟ ସ୍ୱାସ୍ଥ୍ୟ ବିଭାଗ ଘୋଷଣା କରିଛି।

## ଫେରିଲେ ୩୪ ଦାଦନ ଶ୍ରମିକ, ୩ ପଜିଟିଭ୍

ନୂଆପଡ଼ା ଅଫିସ,୧୬।୫

ନୂଆପଡା ଜିଲା ସିନାପାଲି ବ୍ଲକର ୩ଟି ଗାଁକୁ ରବିବାର ୩୪ଜଣ ଶ୍ରମିକ ବିଜୟାୱାଡା ଓ ମାଲକାନଗିରିରୁ ଫେରିଛନ୍ତି। ସମସ୍ତଙ୍କ ଆଣ୍ଟିଜେନ ଟେଷ୍ଟ କରାଯାଇଛି। ମାଳପଡାରେ ୧୭ଟି ଆଣ୍ଟିଜେନ ଏବଂ ୧୦ଟି ଭିଟିଏମ ପରୀକ୍ଷା କରାଯାଇଛି। ସବୁ ଆଣ୍ଟିଜେନ ରିପୋର୍ଟ ନେଗେଟିଭ ଥିବା ଜଣାପଡିଥିଲା। ସେହିପରି ଚଟିଆଗୁଡା ଗାଁରେ ମଧ୍ୟ ୧୦ଜଣଙ୍କ ଆଣ୍ଟିଜେନ ପରୀକ୍ଷା ଏବଂ ୧୫ଟି ଭିଟିଏମ ପରୀକ୍ଷା କରାଯାଇଛି। ସବୁ ନେଗେଟିବ ରହିଛି। ଝାରବନ୍ଦରେ ୭ଟି ଆଣ୍ଟିଜେନ ପରୀକ୍ଷା କରାଯାଇଥିବା ବେଳେ ୩ ଜଣ ପଜିଟିଭ ଚିହ୍ନଟ ହୋଇଛନ୍ତି। ସିନାପାଲି ତହସିଲଦାର ଲୋକନାଥ ଶବର, ଅତିରିକ୍ତ ତହସିଲଦାର ଲକ୍ଷ୍ମଣ ମାଝି, କରୋନା ନୋଡାଲ ଚାର୍ଜରେ ଥିବା ଆୟୁଷ ଡାକ୍ତର ଭୈରବ ପାଣିଗ୍ରାହୀ ସହ ପୋଲିସ ପ୍ରମୁଖ ଉପସ୍ଥିତ ଥିଲେ।

## ସହରରେ କମୁଛି, ଗ୍ରାମାଞ୍ଚଳରେ ବଢୁଛି

ଜୁନାଗଡ, ୧୬।୫ (ଡି.ଏନ.ଏ.)

- ପ୍ରଶାସନର ନାହିଁ ରୋକ୍
- ଖୁଲମ୍‌ଖୁଲ୍ଲା ବୁଲୁଛନ୍ତି ଆକ୍ରାନ୍ତ

କଳାହାଣ୍ଡି ଜିଲାରେ ବର୍ତ୍ତମାନ ସହରରେ ପଜିଟିଭ ଆକ୍ରାନ୍ତଙ୍କ ସଂଖ୍ୟା କମୁଥିବାବେଳେ ଗ୍ରାମାଞ୍ଚଳରେ ବୃଦ୍ଧି ପାଇବାରେ ଲାଗିଛି। ଜିଲାରେ ବର୍ତ୍ତମାନ ସୁଦ୍ଧା ପ୍ରାୟ ୧୮ ହଜାର କରୋନା ଚିହ୍ନଟ ହୋଇଛନ୍ତି। କରୋନା ଚେନ୍ ଭାଙ୍ଗିବା ପାଇଁ ଜିଲା ପ୍ରଶାସନ ପକ୍ଷରୁ ବିଭିନ୍ନ ପଦକ୍ଷେପ ନିଆଯାଉଛି। ଏପରିସ୍ଥଳେ କରୋନା ପଜିଟିଭ୍‌ଙ୍କ ଅସଚେତନତା ତଥା ଅବହେଳା ଯୋଗୁ ଏବେ କରୋନା ଗୋଷ୍ଠୀ ସଂକ୍ରମଣ ଆଡେ ମୁହାଁଇଛି। ପ୍ରଶାସନ ପକ୍ଷରୁ ଏହାର କୌଣସି ରୋକ୍ ଲଗାଯାଉ ନ ଥିବାରୁ ଏହା ବଢିବାରେ ଲାଗିଛି। ଜୁନାଗଡ ବ୍ଲକର ଗ୍ରାମାଞ୍ଚଳରେ ଏବେ କରୋନା ସଂକ୍ରମଣ ବଢିବାରେ ଲାଗିଛି। କରୋନାର ଲକ୍ଷଣ ଥିଲେ ମଧ ଗ୍ରାମାଞ୍ଚଳର ପ୍ରାୟ ଲୋକ କରୋନା ପରୀକ୍ଷା ନ କରି ସ୍ଥାନୀୟ ଦୋକାନରୁ ଔଷଧ ଆଣି ଖାଉଛନ୍ତି। ଔଷଧ କାମ ନ ଦେଲେ ଗୁରୁତର ହେଲେ କଥା ସାମନାକୁ ଆସୁଛି। ଗ୍ରାମାଞ୍ଚଳରେ ଅନେକ ଲୋକ ଗରିବ ହୋଇଥିବାବେଳେ ପ୍ରାୟ ଗୋଟିଏ ଘରେ ପରିବାର ସମସ୍ତେ ରହିଥାନ୍ତି। ଏହି ଘରେ ପାଇଖାନା ସମେତ ପିଇବା ପାଣି ତଥା ଗାଧୋଇବା ପାଇଁ କୌଣସି ସୁବିଧା ନ ଥିବାରୁ ସେମାନେ ବାହାରକୁ ଯାଉଛନ୍ତି। ସେହିପରି ପାଣି ପାଇଁ ନଳକୂପକୁ ଯାଉଛନ୍ତି। ଯଦ୍ୱାରା ଗୋଷ୍ଠୀ ସଂକ୍ରମଣ ବଢିବାରେ ଲାଗିଛି। ଗ୍ରାମାଞ୍ଚଳରେ କରୋନା ଆକ୍ରାନ୍ତ ଥିବା ବ୍ୟକ୍ତିମାନଙ୍କୁ ସ୍କୁଲରେ ସଙ୍ଗରୋଧ ଭାବେ ରଖାଗଲେ ଓ ଘରକୁ ଘର ବୁଲି ଥର୍ମାଲ ସ୍କ୍ରିନିଂ କରାଗଲେ ଏହି ସଂକ୍ରମଣ କିଛିଟା ରୋକାଯାଇପାରନ୍ତା ବୋଲି ବୁଦ୍ଧିଜୀବୀ ମହଲରେ ମତ ପ୍ରକାଶ ପାଇଛି। ନଚେତ ଆଗାମୀ ଦିନରେ ଗ୍ରାମାଞ୍ଚଳରେ ଗୋଷ୍ଠୀ ସଂକ୍ରମଣ ହେବା ଆଶଙ୍କା କରାଯାଉଛି। ଜିଲା ପ୍ରଶାସନ ପକ୍ଷରୁ ଏଥିପ୍ରତି ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହୋଇଛି।

## ଭବାନୀପାଟଣାରେ ଅମ୍ଳଜାନ ସେବା ଶୁଭାରମ୍ଭ



ଆୟୋଜିତ କାର୍ଯ୍ୟକ୍ରମରେ ଅମ୍ଳଜାନ ବ୍ୟବସ୍ଥା ଆରମ୍ଭ କରାଯାଉଛି।

ଭବାନୀପାଟଣା, ୧୬।୫ (ଡି.ଏନ.ଏ.)

ଭବାନୀପାଟଣା ମାରୱାଡି ଯୁବ ମଞ୍ଚ ଓ ମାରୱାଡି ମହିଳାମାନଙ୍କ ଜାଗୃତି ପକ୍ଷରୁ କରୋନା ରୋଗୀଙ୍କ ସେବା ପାଇଁ ଅମ୍ଳଜାନ ବ୍ୟବସ୍ଥା ଆରମ୍ଭ କରାଯାଇଛି। କଳାହାଣ୍ଡି ମାରୱାଡି ସମାଜ ଅଧ୍ୟକ୍ଷ ତଥା ବରିଷ୍ଠ ଆଇନଜୀବୀ ଶ୍ରବଣ କୁମାର ଅଗ୍ରୱାଲ ଓ ସମ୍ପାଦକ ନରେନ୍ଦ୍ର ଅଗ୍ରୱାଲଙ୍କ ଦ୍ୱାରା ସ୍ଥାନୀୟ ଅଗ୍ରେସନ ଭବନରେ ମାରୱାଡି ଯୁବ ମଞ୍ଚ ଓ ମାରୱାଡି ମହିଳାମାନଙ୍କ ଜାଗୃତି ପକ୍ଷରୁ କୋଭିଡ୍ ନିୟମ ଅନୁସାରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ମାରୱାଡି ଯୁବ ମଞ୍ଚ ଓ ମାରୱାଡି ମହିଳାମାନଙ୍କ ଜାଗୃତି ପକ୍ଷରୁ ୪ଟି ନୂତନ ଅମ୍ଳଜାନ ପ୍ରଦାନ କରାଯାଇଛି। ଭବାନୀପାଟଣା ସହର ଓ ତାର ଆଖପାଖ ଅଞ୍ଚଳରେ କରୋନାରେ ଆକ୍ରାନ୍ତଙ୍କୁ ଏହି ସୁବିଧା ଯୋଗାଇ ଦିଆଯିବ। କାର୍ଯ୍ୟକ୍ରମରେ ଯୁବ ମଞ୍ଚ ଉପାଧ୍ୟକ୍ଷ ବିଭୁତି ଅଗ୍ରୱାଲ, ସୌରଭ ଗୁପ୍ତା, ସମ୍ପାଦକ ରାକେସ ଶର୍ମା, ସୁମନ ଅଗ୍ରୱାଲ, ଜାଗୃତି ଶାଖାର ଅଧ୍ୟକ୍ଷା ରଶ୍ମି ଅଗ୍ରୱାଲ, ସମ୍ପାଦିକା ରାଖି ଅଗ୍ରୱାଲ ଓ ଡଲି ଗୁପ୍ତା ପ୍ରମୁଖ ଯୋଗଦେଇଥିଲେ।

## ଟୋକନ ଅବଧି ନ ବଢ଼ିଲେ ଆନ୍ଦୋଳନ

ସରଣ୍ଡା,୧୬।୫(ଡି.ଏନ.ଏ.)

କାଳିଆ ଯୋଜନା ମାଧ୍ୟମରେ ଚାଷୀଙ୍କୁ ସାମାନ୍ୟ କିଛି ଅର୍ଥରାଶି ପ୍ରଦାନ କଲେ ସେମାନଙ୍କ ସାମଗ୍ରିକ ବିକାଶ ହେବନାହିଁ। ଚାଷୀକୁଳର ସମୃଦ୍ଧି ପାଇଁ ସରକାରଙ୍କୁ ତୃଣମୂଳସ୍ତରରେ ଚାଷୀଙ୍କ ସମସ୍ୟାର ସମାଧାନ କରିବାକୁ ହେବ। ଟୋକନ ଅବଧି ମାତ୍ର ୧୨ ଦିନ ପରିବର୍ତ୍ତେ ଧାନ ବିକ୍ରି ସରିବା ଯାଏଁ ବୃଦ୍ଧି କରିବାକୁ ଅତାବିରାର ପୂର୍ବତନ ବିଧାୟକ ତଥା ବରଗଡ ଜିଲା କଂଗ୍ରେସ ସଭାପତି ନିହାର ରଞ୍ଜନ ମହାନନ୍ଦ ଏକ ପ୍ରେସ ବିବୃତିରେ କହିଛନ୍ତି। ମହାନନ୍ଦ ଆହୁରି ଉଲ୍ଲେଖ କରିଛନ୍ତି, ଅକ୍ଳାନ୍ତ ପରିଶ୍ରମ କରି ଆହାର ଦେଉଥିବା ଚାଷୀ ନାନା ସମସ୍ୟାର ସମ୍ମୁଖୀନ ହେଉଛି। ଧାନ ସଂଗ୍ରହ ପ୍ରକ୍ରିୟାରେ ସରକାରଙ୍କ ତ୍ରୁଟିପୂର୍ଣ୍ଣ ଟୋକନ ବ୍ୟବସ୍ଥା ଯୋଗୁ ବରଗଡ଼ ଜିଲାର ଚାଷୀ ଆଜି ହନ୍ତସନ୍ତ। ସରକାର ଧାନ ବିକ୍ରି ପାଇଁ ଚାଷୀଙ୍କୁ ଦେଉଥିବା ଟୋକନର ଅବଧି ମାତ୍ର ୧୨ ଦିନ ରହୁଛି। କରୋନା ମହାମାରୀ ଓ ସଂକ୍ରମଣ ରୋକିବାକୁ ହୋଇଥିବା ଲକଡାଉନ ଯୋଗୁ କୃଷକ ସମାଜ ହତାସ ହୋଇପଡିଛନ୍ତି। ରବି ଫସଲ ଉତ୍ପାଦନରେ ବାଧା ଉପୁଜିଛି। ଶ୍ରମିକ ଅଭାବ ଓ ଅଦିନିଆ ବର୍ଷା ଯୋଗୁ ଠିକ୍ ସମୟରେ ଫସଲ ଅମଳ ହୋଇପାରୁନାହିଁ। ଏଣୁ ସରକାର ଚାଷୀଙ୍କ ସମସ୍ୟାକୁ ବିଚାର କରି ଟୋକନ ଅବଧି ବଢାଇବାକୁ ପଡିବ। ଅନେକ ଚାଷୀ ଓ କୃଷି ଶ୍ରମିକ କରୋନା ଦ୍ୱାରା ସଂକ୍ରମିତ ହୋଇଥିବାରୁ କେତେକ ସ୍ଥାନରେ ଫସଲ ଅମଳ ହୋଇପାରିନାହିଁ। ଏପରି ସ୍ଥଳେ ମାତ୍ର ୧୨ଦିନର ଟୋକନ ଅବଧି ଚାଷୀଙ୍କ ପାଇଁ ଚିନ୍ତାର କାରଣ ପାଲଟିଛି। ଏ ବାବଦରେ ସରକାର ଖୁବ୍‌ଶୀଘ୍ର ପଦକ୍ଷେପ ନିଅନ୍ତୁ। ନଚେତ କଂଗ୍ରେସ ଆନ୍ଦୋଳନକୁ ଓହ୍ଲାଇବ ବୋଲି ମହାନନ୍ଦ ଚେତାବନୀ ଦେଇଛନ୍ତି ।

## ସ୍ୱେଚ୍ଛାସେବୀ ସଙ୍ଗଠନ ଦ୍ୱାରା ଶବସତ୍କାର

କେସିଙ୍ଗା, ୧୬।୫ (ଡି.ଏନ.ଏ.)

**କେସିଙ୍ଗା ବ୍ଲକରେ ୨ୟ ଘଟଣା**



ସ୍ୱର୍ଗଦ୍ୱାର ସେବା ସଙ୍ଗଠନ କର୍ମୀମାନେ ପିପିଇ କିଟ୍ ପିନ୍ଧି ମୃତଦେହ ସତ୍କାର କରୁଛନ୍ତି ।

କରୋନା ସଂକ୍ରମଣ ଭୟରେ କେହି ମୃତଦେହ ଛୁଉଁନାହାନ୍ତି। ଏଭଳି ଘଟଣା ଅନେକ ସ୍ଥାନରେ ଦେଖିବାକୁ ମିଳୁଛି। କଳାହାଣ୍ଡି ଜିଲା କେସିଙ୍ଗା ବ୍ଲକ ବେଲଖଣ୍ଡି ପଞ୍ଚାୟତ ସାହାଜପାଟି ଗ୍ରାମରେ ଗତ ଗୁରୁବାର ଏଭଳି ଏକ ଘଟଣା ଦେଖିବାକୁ ମିଳିଥିବା ବେଳେ ରବିବାର ପୁଣି ଏହି ବ୍ଲକ ଅଧୀନ ଉକ୍ଳେଲା ପଞ୍ଚାୟତ କୋକୋଡମାଲ ଗ୍ରାମରେ ସେହିଭଳି ଘଟଣା ଘଟିଛି। କୋକୋଡମାଲ ଗ୍ରାମର ଇନ୍ଦ୍ରମଣି ପଟ୍ଟନାୟକଙ୍କ କରୋନାରେ ରବିବାର ମୃତ୍ୟୁ ଘଟିଥିଲା। ସ୍ଥାନୀୟ ଲୋକେ ତଥା ପଡୋଶୀ କେହି ବି ସହଯୋଗ ନ କରିବାରୁ ମୃତକଙ୍କ ପୁଅ ବିଡିଓ ପ୍ରଫୁଲ୍ଲ କୁମାର ଓଦୁଙ୍କୁ ଶବସତ୍କାର ପାଇଁ ସାହାଯ୍ୟ ମାଗିଥିଲେ। ବିଡିଓଙ୍କ ଉପସ୍ଥିତିରେ ରବିବାର ସକାଳେ ସ୍ୱର୍ଗଦ୍ୱାର ସଂଗଠନ କର୍ମକର୍ତ୍ତାଙ୍କ ମିଳିତ ଉଦ୍ୟମରେ ଶବସତ୍କାର କରାଯାଇଛି। ବିଡିଓ ସଙ୍ଗଠନକୁ ପ୍ରଶଂସା କରିବା ସହ ବିପତ୍ତି ବେଳରେ ସ୍ୱର୍ଗଦ୍ୱାର ସେବା ସଙ୍ଗଠନ ତା'ର ମାନବିକତା ପ୍ରଦର୍ଶନ କରିଛି ବୋଲି କହିଥିଲେ। ପ୍ରଶାସନ ପକ୍ଷରୁ କେସିଙ୍ଗା ବିଡିଓ, ଅତିରିକ୍ତ ତହସିଲଦାର ରୁଦ୍ରମୋହନ ନାୟକ, ସଦର ପୋଲିସ ଉପସ୍ଥିତିରେ ପ୍ରଶାସନ ପ୍ରଦତ୍ତ ପିପିଇ କିଟ୍ ପରିଧାନ କରି ସଂଗଠନ ସଦସ୍ୟମାନେ ଶବସତ୍କାର କରିଥିଲେ। ମୃତକ ପରିବାର ସଂଗଠନ ପ୍ରତି କୃତଜ୍ଞତା ଜଣାଇଛନ୍ତି। ସ୍ୱର୍ଗଦ୍ୱାର ସେବା ସଂଗଠନ ମୁଖ୍ୟ ମନୋଜ କୁମାର ପଟ୍ଟନାୟକ, ସଜନ କୁମାର ଅଗ୍ରୱାଲ, ମନୋଜ କୁମାର ଷଡଙ୍ଗୀ, ମିତ୍ରସେନ ଭୋଇ, ସରୋଜ ସାହୁ, ମୁଡିଙ୍ଗ ସରପଞ୍ଚ ଟଙ୍କଧର ନାୟକ, ସଞ୍ଜୀବ ନାୟକ, ହେମନ୍ତ କୁମାର ପ୍ରମୁଖ ସହଯୋଗ କରିଥିଲେ।